


**ସଂକ୍ଷେପରେ**

## ବାଲିଆପାଳ ଅଗ୍ନିଶମ ବିଭାଗର ଦୁଇ କର୍ମଚାରୀ ନିଲମ୍ବିତ

**ବାଲିଆପାଳ,୨୬।୯(ଡି.ଏନ.ଏ.):** ସାରା ରାଜ୍ୟରେ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ୬ଦଫା ଦାବି ନେଇ ଗତ ସୋମବାର ଠାରୁ ଆନ୍ଦୋଳନ ଚଳାଇଥିବାରୁ ରାଜ୍ୟରେ ଅନେକ ଜରୁରୀ ସେବା ବାଧାପ୍ରାପ୍ତ ହୋଇଛି। ବାଲିଆପାଳ ଅଗ୍ନିଶମ ବିଭାଗର ୧୪ଜଣ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ଫଳରେ ସୋମବାର ସ୍ଥାନୀୟ ସିମୁଳିଆ ମାର୍କେଟରେ ଥିବା ଏକ କୁକୁଡ଼ା କଟା କ୍ୟାବିନରେ ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲେ ମଧ ଆନ୍ଦୋଳନ ଥିବା ଯୋଗୁଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁ ଲିଭାଇବାକୁ ଯାଇ ନ ଥିଲେ। ରାଜ୍ୟ ଅଗ୍ନିଶମ ବିଭାଗ ଡିଜି ଡ. ବିଜୟ କୁମାର ଶର୍ମା ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ବୁଧବାର ବାଲିଆପାଳ ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ହାବିଲଦାର ଉପେନ୍ଦ୍ର ନାଥ ସିଂ ଓ ଡ୍ରାଇଭର ଯୁଧିଷ୍ଠିର ବଳିଆର ସିଂଙ୍କୁ ସସପେଣ୍ଡ କରିଛନ୍ତି। ଦୋକାନୀ ମାଲିକ ମାନସ ରଞ୍ଜନ ପାତ୍ର ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଅବହେଳାକୁ ଦାୟୀ କରି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଲିଆପାଳ ଅତିରିକ୍ତ ତହସିଲଦାର ନମିତା ଧଳ ମଧ ଘଟଣା ସ୍ଥଳ ପରିଦର୍ଶନ କରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ଏଭଳି କାର୍ଯ୍ୟାନୁଷ୍ଠାନରେ ଦବି ନଯାଇ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଆନ୍ଦୋଳନ ଚାଲୁ ରହିବ ବୋଲି ବାଲିଆପାଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ କହିଛନ୍ତି ।

## କାର ନେଇ ଦୁର୍ବୃତ୍ତ ଚମ୍ପଟ:ଥାନାରେ ମାମଲା

**ଜଳେଶ୍ୱର,୨୬।୯ (ଡି.ଏନ୍.ଏ) :** ଜଳେଶ୍ୱର ଥାନା ଗୋବରଘାଟା ଗ୍ରାମର ଦୀପକ କୁମାର ବେହେରା ଆଜକୁ ୧୮ ମାସ ପୂର୍ବେ ବାଲେଶ୍ୱର ସ୍ଥିତ ଏକ ଫାଇନାନ୍ସ କମ୍ପାନୀରୁ ଏକ ଧଳା ରଙ୍ଗର କାର କିଣିଥିଲେ। ଗତ ୮ ତାରିଖରେ ଦୀପକ ଘରେ ଅନୁପସ୍ଥିତ ଥିବା ବେଳେ କେତେକ ବ୍ୟକ୍ତି ନିଜକୁ ଉକ୍ତ ଫାଇନାନ୍ସ କମ୍ପାନୀର ଅଧିକାରୀ ଓ କର୍ମଚାରୀ ବୋଲି ପରିଚୟ ଦେଇ ଘର ଲୋକଙ୍କ ଠାରୁ ଚାବି ନେଇ କାରକୁ ନେଇ ଯାଇଥିଲେ। କିସ୍ତି ଟଙ୍କା ଦେଇ ନ ଥିବାରୁ ସେମାନେ କାର ନେଇ ଯାଉଛନ୍ତି ବୋଲି କହିଥିଲେ। ଦୀପକ ପରେ ବାଲେଶ୍ୱର ସ୍ଥିତ ଉକ୍ତ ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟକୁ ଯାଇ କମ୍ପାନୀ ତାଙ୍କ କାର ଆଣି ନ ଥିବା ଜାଣି ବୁଧବାର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଦୀପ କୁମାର ମାଝି କହିଛନ୍ତି।

## ସ୍କୁଲ ପରିଚାଳନା କମିଟି ଗଠନକୁ ନେଇ ତୁମୁଳକାଣ୍ଡ

**ଜଳେଶ୍ୱର,୨୬।୯ (ଡି.ଏନ୍.ଏ.):** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଅଲାଲପୁର ଗ୍ରାମରେ ଅବସ୍ଥିତ ନରେନ୍ଦ୍ରନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅପରାହ୍ନ ୪ ଟାରେ ନୂତନ ଭାବେ ସ୍କୁଲ ପରିଚାଳନା କମିଟି(ଏସ୍‌ଏମ୍‌ସି) ଗଠନକୁ କେନ୍ଦ୍ର କରି ଶିକ୍ଷକ-ଅଭିଭାବକ କମିଟିରେ ସଦସ୍ୟ ଥିବା ୨ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇ ତୁମୁଳକାଣ୍ଡ ଘଟିଛି। ଏପରିକି ଜଣେ ମହିଳାଙ୍କୁ ଠେଲାପେଲା କରାଯିବା ସହିତ ତାଙ୍କ ବେକରେ ଥିବା ମଙ୍ଗଳସୂତ୍ରକୁ ଛିଣ୍ଡାଇ ନିଆ ଯାଇଥିବା ଅଭିଯୋଗ ହୋଇଛି। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବିଦ୍ୟାଳୟରେ ପହଞ୍ଚିବାବେଳକୁ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ଗଠନ ହୋଇ ପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଗ୍ରାମରେ ଚାପା ଉତ୍ତେଜନା ଜାରି ରହିଛି। ଥାନାରେ କୌଣସି ଲିଖିତ ଅଭିଯୋଗ ପହଞ୍ଚି ନ ଥିବା ଆଇଆଇସି ପ୍ରଦୀପ କୁମାର ମାଝି ପ୍ରକାଶ କରିଛନ୍ତି।

# ଆକର୍ଷିତ କରୁଛି ନେଚର୍ସ କ୍ୟାମ୍ପ

**ସଜନାଗଡ଼ ୨୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବଣ ପାହାଡ଼ର ଘେରା ନୀଳଗିରିର ସୌନ୍ଦର୍ଯ୍ୟମୟୀ କୁଲଡିହା ଅଭୟାରଣ୍ୟ। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। କୁଲଡିହାକୁ ଲାଗିରହିଥିବା ଡ୍ୟାମ୍ ସାତଘାଟି, ରିସିଆ, ପୁରୁଣାପାଣି, ଜଡ଼ାଚୁଆ, ମୁଖଚଟୁରି, କଇମଚଟୁରୀ ଅଞ୍ଚଳରେ ଅଧିକ ସଂଖ୍ୟାରେ ଦେଶ ବିଦେଶର ପକ୍ଷୀ ଦେଖିବାକୁ ମିଳେ। ଏହା ଓଡ଼ିଶା ଏବଂ ଓଡ଼ିଶା ବାହାରର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଠାରେ ପର୍ଯ୍ୟଟନର ବିକାଶ ଲାଗି ନେଚର୍ସ କ୍ୟାମ୍ପ କରାଯିବାପରେ ଏହାର ଆକର୍ଷଣ ବହୁ ଗୁଣିତ ହୋଇଛି।

ପୂର୍ବରୁ ଅଭୟାରଣ୍ୟ ଭିତରେ ଜଡ଼ାଚୁଆ ଏବଂ କୁଲଡିହାରେ ପର୍ଯ୍ୟଟକଙ୍କ ରାତ୍ରି ଯାପନ ଲାଗି ସୁବିଧା ରହିଥିଲା। ସୁରକ୍ଷା ଓ ଅନ୍ୟ କାରଣରୁ ଏବେ ସେଠାରୁ ରାତ୍ରି ଯାପନର ସୁବିଧା ବନ୍ଦ ହୋଇଯାଇଛି। ତେବେ ସୁରକ୍ଷିତ ପର୍ଯ୍ୟଟନ ଲାଗି ଗୋହିରାଭୋଳଠାରେ ''ରିସିଆ ପ୍ରକୃତି ନିବାସ'' ଖୋଲାଯାଇଛି। ସେଠାରେ ୯ଟି ନେଚର୍ସ କ୍ୟାମ୍ପ କରାଯାଇ ପିଇବା ପାଣି ଏବଂ ଶୌଚାଳୟର ବ୍ୟବସ୍ଥା ହୋଇଛି। ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ଏହା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଛି। ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ





ନେଚର୍ସ କ୍ୟାମ୍ପରେ ବିଶ୍ରାମ ଓ ରହଣିସ୍ଥଳ।

- ''ରିସିଆ ପ୍ରକୃତି ନିବାସ'' ମନ ମୋହୁଛି
- ପର୍ଯ୍ୟଟକଙ୍କୁ ମିଳୁଛି ରୋମାଞ୍ଚକର ଅନୁଭୂତି
- ଉପଲବ୍ଧ ହେଉଛି ନିଆରା ଖାଦ୍ୟ, ପାନୀୟ ସୁବିଧା
- ବର୍ଷା ଋତୁ ପାଇଁ ବନ୍ଦ ରହୁଛି ୫ ମାସ

ସକାଶେ ରିସିଆ ଡ୍ୟାମ ଭିତରେ ବୋଟିଂ କରିବାର ବ୍ୟବସ୍ଥା ରହିଛି। ଏହି ନେଚର୍ସ କ୍ୟାମ୍ପରେ ରହି ରାତ୍ରିଯାପନ କରି ପର୍ଯ୍ୟଟକମାନେ ଅତି ନିକଟରୁ କୁଲଡିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବା ସୁଯୋଗ ପାଉଛନ୍ତି। ଏହାବ୍ୟତୀତ ନେଚର୍ସ କ୍ୟାମ୍ପରେ ରୁଚିକରଖାଦ୍ୟ ପରଷିବା ବ୍ୟବସ୍ଥା ହୋଇଛି। ବୋଟିଂ ସାଙ୍ଗକୁ ବୁଲାବୁଲି କରିବା ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ଏହି ସ୍ଥାନରେ ରହି ରାତ୍ରିଯାପନ କରି ପର୍ଯ୍ୟଟକମାନେ ବେଶ ରୋମାଞ୍ଚକର ଅନୁଭୂତି ନେଇ ଫେରୁଛନ୍ତି। ଏଥିଲାଗି ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ଆଗମନ ଯଥେଷ୍ଟ ବୃଦ୍ଧି ପାଇଛି।

ନେଚର୍ସ କ୍ୟାମ୍ପ ବୁକିଂ ପାଇଁ ବନବିଭାଗ ପକ୍ଷରୁ ୩ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଚାରି ଚକିଆ ଯାନ ପ୍ରବେଶ ପାଇଁ ୧୦୦ ଟଙ୍କା, ପର୍ଯ୍ୟଟକଙ୍କ ପ୍ରବେଶ ଫି ୪୦ ଟଙ୍କା, କ୍ୟାମେରା ପାଇଁ ୫୦ ଟଙ୍କା ଧାର୍ଯ୍ୟ ହୋଇଛି। ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ପରିଭ୍ରମଣର ସୁବିଧା ଦିଆଯାଉଛି। ନେଚର୍ସ କ୍ୟାମ୍ପରେ ରହଣି ପାଇଁ ଅନ୍‌ଲାଇନରେ ବୁକିଂ କରିବା ସକାଶେ ୱେବ୍ ସାଇଟ୍ ଖୋଲାଯାଇଛି। ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସକାଳେ ପର୍ଯ୍ୟଟକଙ୍କୁ ଚା', ଜଳଖିଆ, ଦ୍ୱିପହରେ ଭାତ ଡାଲି, ପରିବା ତରକାରୀ, ମାଛ, ଅଣ୍ଡା ଏବଂ ରାତିରେ ରୁଟି , ଡାଲି, ଅଣ୍ଡା ଆଦି ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି । ତେବେ ଏଠାରେ ପଲିଥିନ୍, ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ଜାରି କରାଯାଇଛି। ବର୍ଷାଋତୁ ପାଇଁ ଜୁନ୍ ୧୫ରୁ ନେଚର୍ସ କ୍ୟାମ୍ପକୁ ବନ୍ଦ ରଖାଯାଇ ନଭେମ୍ବର ପହିଲାରୁ ଖୋଲାଯାଉଛି। ୨୦୧୫-୧୬ରେ ମୋଟ ୮୬୯୬ ପର୍ଯ୍ୟଟକ ଏଠାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୪ ବିଦେଶୀ ପର୍ଯ୍ୟଟକ। ୨୦୧୬-୧୭ରେ ୨ଜଣ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ମୋଟ ୮୬୯୪ ପର୍ଯ୍ୟଟକ ଆସିଥିଲେ। ୨୦୧୭-୧୮ରେ ଆସିଥିବା ୯୦୯୫ ପର୍ଯ୍ୟଟକଙ୍କ ମଧ୍ୟରୁ ୨ଜଣ ବିଦେଶୀ ପର୍ଯ୍ୟଟକ ରହିଥିବା ଜଣାପଡ଼ିଛି। ଏଥିଲାଗି ରାଜସ୍ୱ ଆଦାୟ ବୃଦ୍ଧି ପାଇଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ ତଥା ରେଞ୍ଜର ଲକ୍ଷ୍ମଣ ପ୍ରଧାନ କହିଛନ୍ତି।

# ନିଶା ଓ ମଦମୁକ୍ତ ଓଡ଼ିଶା ଗଠନ ଦାବିରେ ମା'ଘର ପକ୍ଷରୁ ପଦଯାତ୍ରା

**ବାଲେଶ୍ୱର ଅଫିସ,୨୬।୯**

ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଓ ମଦମୁକ୍ତ କରିବା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ଆଗତ ଓ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରାଇବା ଦାବିରେ 'ମା' ଘର ଫାଉଣ୍ଡେସନ' ପକ୍ଷରୁ ବାଲେଶ୍ୱର ଶାନ୍ତିକାନନରୁ ଭୁବନେଶ୍ୱର ଅଭିମୁଖେ ଏକ ବିଶାଳ ପଦଯାତ୍ରାର ଶୁଭଆରମ୍ଭ ବୁଧବାର ପୂର୍ବାହ୍ନ ୮ ଘଟିକା ସମୟରେ ହୋଇଛି। ଅକ୍ଟୋବର ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ସାଧାରଣ ସଭା ଅନୁଷ୍ଠିତ ହେବ । ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଅତିକ୍ରମ କରି ଭୁବନେଶ୍ୱର ରାଜଭବନରେ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ ତାରିଖରେ ପହଞ୍ଚିବାର ସୂଚନା ଦେଇଛନ୍ତି ମା'ଘରର ରାଜ୍ୟ ଅଧକ୍ଷା ଋତୁପର୍ଣ୍ଣା ମହାନ୍ତି ।

ସାତ ଦିନିଆ ପଦଯାତ୍ରାରେ ୫ ଶହରୁ ଉର୍ଦ୍ଧ୍ୱ ଯୁବକ, ମହିଳା ତଥା ବୁଦ୍ଧିଜୀବୀ, ସାମାଜିକକର୍ମୀ, ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ବାଲେଶ୍ୱରର ଶେରଗଡ଼, ବାହାନଗା, ସୋର, ଜାମୁଝାଡ଼ି, ଭଦ୍ରକ ଟାଉନ, ଯାଜପୁରର ପାଣିକୋଇଲି, ଧର୍ମଶାଳା, ଚଣ୍ଡିଖୋଲ କଟକର ଟାଙ୍ଗୀ, କଟକ ସହର ଓ ଫୁଲନଖରାଠାରେ ପଥପ୍ରାନ୍ତ ସଭା ଓ ରାତ୍ରିଯାପନ କରି ଅକ୍ଟୋବର ୨ ତାରିଖରେ ପହଞ୍ଚିବ। ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବାବା ବଳିଆ, ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ଏନୱାଇପିର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ଗୋବିନ୍ଦ ବଲ୍ଲଭ ଦଳେଇ ଓ ଚିତ୍ରଶିଳ୍ପୀ କେଶୁ ଦାସ, ଅର୍ଚ୍ଚନା ନନ୍ଦୀ, ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ସାମିଲ ଅଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାର ବିଭିନ୍ନ ଅନୁଷ୍ଠାନର ମୁଖ୍ୟ, ମହିଳା ସଂଗଠନ ତଥା ବୁଦ୍ଧିଜୀବୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।




ନିଶାମୁକ୍ତ ପଦଯାତ୍ରାରେ ସାମିଲ ମା'ଘରର ସଦସ୍ୟାସଦସ୍ୟମାନେ।

# ସିଡିପିଓଙ୍କୁ ଘେରିଲେ ମହିଳା



ସିଡିପିଓଙ୍କୁ ମହିଳାମାନେ ଦାବିପତ୍ର ଦେଇ ଆଲୋଚନା କରୁଛନ୍ତି।

**ବାଲିଆପାଳ,୨୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ-୨ ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାନାନ୍ତରକୁ ବିରୋଧ କରି ବୁଧବାର ଉକ୍ତ କେନ୍ଦ୍ରର ମା' କମିଟି, ଯାଞ୍ଚ କମିଟି ଓ ଛାତ୍ର ଅଭିଭାବକ କମିଟିର ମହିଳାମାନେ ଦୀର୍ଘ ସମୟ ଧରି ସିଡିପିଓଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବୁଧବାର ଏହି କେନ୍ଦ୍ର ସ୍ଥାନାନ୍ତର ଉଦ୍ୟମ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ୨୧ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ବିଜେଡ଼ି ନେତା ବିମଳ ସାହୁ, ଶ୍ରୀଧର ଡାକୁଆ ପ୍ରମୁଖଙ୍କ ନେତୃତ୍ୱରେ ମା' କମିଟି ଓ ଯାଞ୍ଚ କମିଟିର ସଦସ୍ୟାମାନେ ସିଡିପିଓଙ୍କ ଅଫିସ ଘେରାଉ କରି ତୁରନ୍ତ ଏହାର ପ୍ରତିକାର ଦାବି କରିଥିଲେ। ଏହି ଘଟଣାରେ ଦୁଇଜଣ ବିଭାଗୀୟ କର୍ମଚାରୀ ସମ୍ପୃକ୍ତ ଥିବା ସେମାନେ ଅଭିଯୋଗ କରିଥିଲେ। କାଞ୍ଚନବାଳା ସାମଲ, ଜୟନ୍ତୀ ସାମନ୍ତ ରାୟ, ସୁମିତ୍ରା ପଡ଼ିଆରୀ, ସୁଷବା ବେହେରା, ପୁଷ୍ପଲତା ସାମଲ, ଜାଗମଣି ମହାନ୍ତି, ପାର୍ବତୀ ପଡ଼ିଆରୀ, ଲକ୍ଷ୍ମୀପ୍ରୀୟା ସାମଲ, ଯଶୋଦା ରାଣୀ ସାମଲ, କାଞ୍ଚନ ସାମନ୍ତରାୟ, ରୀତାରାଣୀ ସାମଲ, ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ ।



ମଙ୍ଗଳବାର ବାଲେଶ୍ୱର ଜିଲା ନାରୀ ସଂଘ ଦ୍ୱାରା ଆୟୋଜିତ କର୍ମଶାଳାରେ ମହିଳାମାନେ।

## ମହିଳାମାନେ ଆଣିପାରିବେ ପରିବର୍ତ୍ତନ

**ବାଲେଶ୍ୱର ଅଫିସ, ୨୬।୯:** ମହିଳାମାନେ ସଚେତନ ହେଲେ ଲିଙ୍ଗଗତ ବୈଷମ୍ୟ ଦୁର କରି ସମାଜରେ ପରିବର୍ତ୍ତନ ଆଣିବା ସହ ପରିବାରର କଲ୍ୟାଣ ସାଧନ କରିବା ସହ ପାରିବେ ବୋଲି ଅଖିଳ ଭାରତ ମହିଳା ପରିଷଦ ତରଫରୁ ମଙ୍ଗଳବାର ବାଲେଶ୍ୱର ଜିଲା ନାରୀ ସଂଘ ଦ୍ୱାରା ଆୟୋଜିତ ଏକ ଦିବସୀୟ କର୍ମଶାଳାରେ ଅତିଥି ଓ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ଗୁଣାତ୍ମକ ଶିକ୍ଷାର ବିକାଶ, ବାଳିକା, ବାଳକ ମଧରେ ଲିଙ୍ଗଗତ ପାର୍ଥକ୍ୟ ଦୂରୀକରଣ ଏବଂ ମହିଳା ସଶକ୍ତୀକରଣ ସଂକ୍ରାନ୍ତ ଏହି କର୍ମଶାଳାରେ ଜିଲା ନାରୀ ସଂଘ ସଭାପତି ଗୋପାମୁଦ୍ରା ମହାପାତ୍ରଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇପିଓ ଆଲୋକ ଦାସ, ସୁଜାତା ପଟ୍ଟନାୟକ, ଜୟଶ୍ରୀ ମହାନ୍ତି, ଶିକ୍ଷାବିତ୍ ଶାନ୍ତନୁ ପଟ୍ଟନାୟକ, ନାରୀସଂଘର ସମ୍ପାଦିକା ଅପର୍ଣ୍ଣା, ସମାଜସେବୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମିଳିତ ଜାତିସଂଘର ସ୍ୱୀକୃତିପ୍ରାପ୍ତ ଥାଇଲାଣ୍ଡର 'ଏସିଆ ପେସିଫିକ ଉଇମେନ୍ସ ଫୋରମ ଅନ୍ ଲଅ ଆଣ୍ଡ ଡେଭଲପମେଣ୍ଟ' ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନ୍ୟାୟ ନ ମିଳିଲେ ଧାରଣା ଚେତାବନୀ

**ବାଲିଆପାଳ, ୨୬।୯ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଜଗତିପୁର ପଞ୍ଚାୟତ ଗୁଟାମୂଳି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ କୌଣସି ନିଶା ଦ୍ରବ୍ୟ ଦେଇ ଅଚେତ୍ ଅବସ୍ଥାରେ ମୁହଁ ହାତ ବାନ୍ଧି ପୋଖରୀକୁ ଫିଙ୍ଗି ହତ୍ୟା ଉଦ୍ୟମ କରିବା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ଏ ନେଇ ଥାନାରେ ୪ଜଣଙ୍କ ନାମରେ ମାମଲା ( ନଂ. ୨୭୧/୨୦୧୮) ରୁଜୁ କରି ନୀରବ ହୋଇ ବସିଥିବା ପୀଡିତା ମହିଳା ଓ ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନଷ୍ଠାନ ଗ୍ରହଣ କରା ନ ଗଲେ ମହିଳାଙ୍କ ବାପଘର ଲୋକେ ଏସପିଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଉଛନ୍ତି । ନିର୍ଯାତନାର ଶିକାର ହୋଇଥିବା ଏହି ମହିଳା ଗତ ୧୪ମାସ ତଳେ ବିବାହ କରି ଥିଲା । ବିବାହର ଦୁଇମାସ ପରେ ବାପଘରୁ ଏକ ଏକ ରଙ୍ଗିନ୍ ଟିଭି ଆଣିବା ଲାଗି ତାଙ୍କ ଶାଉଘର ଲୋକେ ଚାପ ପକାଇ ନିର୍ଯାତନା ଦେଉଥିଲେ । ଗତ ୧୮ ତାରିଖରେ ପରିବାର ଲୋକେ ତାଙ୍କୁ ମାରପିଟ କରି ସେହି ରାତିରେ ପୋଖରୀକୁ ଫିଙ୍ଗି ହତ୍ୟା ଉଦ୍ୟମ କରିଥିବା ନେଇ ଗୁଟାମୂଳୀ ଗ୍ରାମର ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ମେଣ୍ଢାପଡ଼ା ଗ୍ରାମର ଜଣେ ବ୍ୟକ୍ତି ପୋଖରିରୁ ଏହି ମହିଳାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସିତ ହେବାପରେ ସୁସ୍ଥ ହୋଇ ଗତ ୨୧ତାରିଖରେ ସେ ବାଲିଆପାଳ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ପୀଡିତା ଓ ତାଙ୍କ ବାପଘର ଲୋକେ ଆଣିଥିବା ଅଭିଯୋଗ ସମ୍ପର୍କରେ ବାଲିଆପାଳ ଆଇଆଇସି ପୋସ୍କଲ ଏକାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତମାନେ ଖୁବ୍ ଶୀଘ୍ର ଗିରଫ ହେବେ ବୋଲି କହିଛନ୍ତି ।

# ପ୍ରଭାତଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

**ରୂପ୍‌ସା,୨୬।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରଭାତ ରଞ୍ଜନ ପ୍ରଧାନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ମିଳିଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ଭୁବନେଶ୍ୱର ଇଡ଼କଲ ଅଡିଟୋରିୟମ୍‌ରେ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରଭାତଙ୍କୁ ମାନପତ୍ର ଓ ମେଡ଼ାଲ ସହ ୩ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ର ନିର୍ମାଣ ଓ ସମାଜସେବା କ୍ଷେତ୍ରରେ ୨୦୧୭-୧୮ ବର୍ଷରେ ଉଲ୍ଲେଖନୀୟ ଅବଦାନ ଲାଗି




ସ୍ୱେଚ୍ଛାସେବୀ ପ୍ରଭାତଙ୍କୁ ଉଚ୍ଚଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ପୁରସ୍କୃତ କରୁଛନ୍ତି।

ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାଛଡ଼ା ସେ ବିଶ୍ୱବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପାଇଥିଲେ। ଦିଲ୍ଲୀଠାରେ ଏଥର ଜାତୀୟ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ, ଅତିରିକ୍ତ ଶାସନ ସଚିବ ପାର୍ଥସାରଥି ମିଶ୍ର, ଯୁଥ୍ ଅଫିସର ୱାଇ. ରାମକ୍ରିଷ୍ଣା, ସେବା ଯୋଜନା ପରାମର୍ଶଦାତା ଉପେନ୍ଦ୍ର ନାଥ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାତଙ୍କ ସଫଳତା ପାଇଁ ଅଧକ୍ଷ ରାମଚନ୍ଦ୍ର ସାହୁ, ପ୍ରୋଗ୍ରାମ ଅଫିସର ଗୌରାଙ୍ଗ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଶୁଭେଚ୍ଛା ଜଣାଇଛନ୍ତି।

## 'ମାଛ ଚାଷ କରି ଆୟ ଦ୍ୱିଗୁଣିତ କରିପାରିବେ ଆଦିବାସୀ'

**ବାଲେଶ୍ୱର ଅଫିସ, ୨୬।୯**

ବାଲେଶ୍ୱର ଜିଲାର ଆଦିବାସୀ ମତ୍ସ୍ୟଜୀବୀଙ୍କ ନିମନ୍ତେ ଜିଲା ମତ୍ସ୍ୟ ବିଭାଗ, ଧାନ୍ ଫାଉଣ୍ଡେସନ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ଜିଲା ମତ୍ସ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଓ ପୁରୁଷ ମତ୍ସ୍ୟଚାଷୀଙ୍କୁ ତାଲିମ ଦିଆଯାଇଥିଲା। ପୂର୍ବାହ୍ନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରି ମାଛ ଚାଷଦ୍ୱାରା ହିତାଧିକାରୀମାନେ ନିଜ ଆୟକୁ ଦ୍ୱିଗୁଣିତ କରି ପାରିବେ ବୋଲି କହିଥିଲେ । ନୂତନ ମାଛ ପୋଖରୀ ଖନନ, ରଙ୍ଗୀନ ମାଛ ଚାଷ, ମାଛ ଆଚାର ପ୍ରସ୍ତୁତି, ଯାଆଁଳ ଉତ୍ପାଦନ, ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମତ୍ସ୍ୟ ଉପନିର୍ଦ୍ଦେଶକ ଅଜୟ କୁମାର ଭୋଇ, ମୟୂରଭଞ୍ଜ ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘଡେଇ, ବାଲେଶ୍ୱର ଜିଲା ମତ୍ସ୍ୟ ଅଧିକାରୀ ରବିନାରାୟଣ ପଟ୍ଟନାୟକ, ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଜିଲା ସିଏସଆର ମୁଖ୍ୟ ରିଷି କୁମାର ପ୍ରମୁଖ ସୂଚନା ଦେଇଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/ ୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍‌ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୭୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୭୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



# ଜେଲ୍ ଲିଙ୍କ୍ ଖୋଜୁଛି ପୋଲିସ

ଭଦ୍ରକ ଅଫିସ,୨୬।୯

ଭଦ୍ରକ ଜିଲାରେ ଗତ ୨ ମାସ ମଧ୍ୟରେ ପ୍ରାୟ ୨୦ରୁ ଅଧିକ ଲୁଟ୍ ଘଟଣା ଘଟିଛି। ଗତ ୨୪ ତାରିଖରେ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୩୦ ଲକ୍ଷ ଲୁଟ୍ ଓ ସେହି ରାତିରେ ଜଣେ ଡାକ୍ତରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ପୋଲିସର ନିଦ ହଜାଇଛି। ତନାଘନା ଜାରି ରହିଥିଲେ ବି ଲୁଟେରାଙ୍କ ଟେର୍ ମିଳୁ ନାହିଁ। ଭଦ୍ରକ ଗ୍ରାମାଞ୍ଚଳ ଓ ଟାଉନ ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ଠାବ କରିବା ସକାଶେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଢ଼ା ଯାଇଛି। ଭଦ୍ରକ ଜେଲ୍‌ରେ ରହୁଥିବା କେତେକ ଅପରାଧୀଙ୍କ ଇଙ୍ଗିତରେ ବାହାରେ ଏଭଳି ଅପରାଧ ଘଟାଯାଉଥିବା ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି। ପୋଲିସର ସ୍ୱତନ୍ତ୍ର ଟିମ୍ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଭଦ୍ରକ ଜେଲ୍ ପରିସରକୁ ଯାଇ ଗିରଫ ଲୁଟେରାଙ୍କ ଫୋନ କଲ୍ ସମ୍ପର୍କରେ ସବିଶେଷ ଯାଞ୍ଚ କରି ଫେରିଛି। କେତେକ ଲୁଟେରା କଏଦୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଜେଲ୍ ପରିସରରୁ ଲୁଟ୍ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଥିବା ପୋଲିସ ଅନୁମାନ କରୁଥିବା ନେଇ ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

■ଗିରଫ ଲୁଟେରାଙ୍କ ଫୋନ କଲ୍ ଯାଞ୍ଚ
■ସ୍ୱତନ୍ତ୍ର ଟିମ୍ ପକ୍ଷରୁ ତନାଘନା
■ଫେଲ୍ ମାରୁଛି ଗୋଇନ୍ଦା ବ୍ୟବସ୍ଥା



ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଡୋରଫ୍ରେମ୍ ମେଟାଲ ଡିଟେକ୍ଟର ଲଗାଯାଇଛି।

ଉଲ୍ଲେଖନୀୟ ଯେ, ଭଦ୍ରକ ସହରରେ ପ୍ରତିବର୍ଷ ଗଣେଶ ପୂଜାଠାରୁ କାଳୀପୂଜା ପର୍ଯ୍ୟନ୍ତ ପୂଜାବଜାର ଲାଗି ରହିଥାଏ। ଏହି ସମୟରେ ବାହାରୁ ଅନେକ ବ୍ୟବସାୟୀ, ଫେରିବାଲା ଓ ବହିରାଗତ ଲୋକ ସହରକୁ ଆସିଥାନ୍ତି। ଭିଡ଼ର ସୁଯୋଗ ନେଇ ସଂଗଠିତ ଲୁଟେରା ଗ୍ୟାଙ୍ଗ ଛିନ୍‌ତାଇ, ଲୁଟ୍ ଓ ଡକାୟତି ଭଳି ଅପରାଧ ଘଟାଇଥାନ୍ତି। ଗତବର୍ଷ ଲୁଟେରା ଗ୍ୟାଙ୍ଗ ବିଭିନ୍ନ ସ୍ଥାନରେ ଲୁଟ୍ ଘଟାଇ ପୋଲିସକୁ ଚ୍ୟାଲେଞ୍ଜ ଦେଲା ଭଳି ପରିସ୍ଥିତି ସୃଷ୍ଟି କରିଥିଲେ। ହେଲେ ଲୁଟେରା ଗ୍ୟାଙ୍ଗ ପାଖରେ ପୋଲିସ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଚଳିତବର୍ଷ ପୂଜାବଜାର ଆରମ୍ଭ ହେବା ପରେ ଲୁଟେରାଙ୍କ ଉତ୍ପାତ ସହରବାସୀଙ୍କୁ ଆତଙ୍କିତ କରିଛି। ବ୍ୟାଙ୍କ ଓ ଡାକ୍ତରଙ୍କ ଘରୁ ଲୁଟ୍ ଘଟଣାରେ ସାଇଣ୍ଟିଫିକ୍ ଟିମ୍ ନେଇ ପୋଲିସ ତଦନ୍ତ କରୁଥିଲେ ମଧ୍ୟ କୌଣସି ସୁରାକ୍ ପାଇପାରି ନାହିଁ। ଗତବର୍ଷ ପୂଜାବଜାର ସମୟରେ ଭଦ୍ରକ ବାଇପାସ୍‌ରେ ଉର୍ସ ଉତ୍ସବରେ ପୋଲିସ ବ୍ୟସ୍ତ ଥିବାବେଳେ ବ୍ୟସ୍ତବହୁଳ କଚେରି ବଜାରର ଏକ କଲ୍ପନା ସୁନାଗହଣା ୱାର୍କସପରୁ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନିଆଯାଇଥିଲା। ଏହା ପୂର୍ବବର୍ଷ ଏହି ସମୟରେ ୫ରୁ ଉର୍ଦ୍ଧ୍ୱ ଏଟିଏମ୍ ଭାଙ୍ଗି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିଲା। ଏହି ସବୁ ଲୁଟ୍‌ର ସମସ୍ତ ଫୁଟେଜ ସିସିଟିଭିରେ ରେକର୍ଡିଂ ହୋଇଥିଲା। ହେଲେ ପୋଲିସ ସିସିଟିଭି ଧରି ବୁଲିବା ସତ୍ତ୍ୱେ ଲୁଟେରାଙ୍କୁ କାବୁ କରିବାକୁ ସମର୍ଥ ହୋଇ ନାହିଁ। ଚଳିତବର୍ଷ ଗତ ଦୁଇମାସ ମଧ୍ୟରେ ଧାମନଗର ବ୍ଲକ କଲୋନୀ ସିଆର୍‌ସିସି ନିରାକର ରାଉତଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍, ଅସୁରାଳି ନିଗମ ଜ୍ୟୋତି ସୁନା ଦୋକାନୀ ବସନ୍ତ ସାହୁଙ୍କୁ ବନ୍ଧୁକ ଦେଖାଇ ୧୮ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହେବା ଭଳି ଅପରାଧ ସଂଗଠିତ ହୋଇଛି। ସେହିପରି ଧାମନଗର କନକ ଦୁର୍ଗା ଜୁଏଲାରୀ ରତ୍ନାକର ସାହୁଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି। ଭଣ୍ଡାରିପୋଖରୀ ଆସାମ ଅଏଲ ପେଟ୍ରୋଲ ପମ୍ପ ତଥା ଛତାବର ନିକଟରୁ ୨ ଜଣ ବାଇକ୍ ଆରୋହୀଙ୍କଠାରୁ ପୃଥକ୍ ଭାବେ ବନ୍ଧୁକ ଦେଖାଇ ସୁନା ଅଳଙ୍କାର ଲୁଟି ନିଆଯାଇଛି। ଭଦ୍ରକ ଡିଆର୍‌ଡିଏ ରାସ୍ତାରେ ଜଣେ ମଦ ଦୋକାନୀ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହେବାର ଦୁଇଦିନ ପରେ ଭଦ୍ରକ-ଅପର୍ତ୍ତିବିନ୍ଧା ରାସ୍ତାରେ ଜଣେ ସାଇକେଲ ଦୋକାନୀଙ୍କୁ ବନ୍ଧୁକ ଦେଖାଇ ୧ ଲକ୍ଷ ୨୭ ହଜାର ଟଙ୍କା ଲୁଟ୍ ହୋଇଛି। ଗତ ସୋମବାର ସ୍ୱଷ୍ଟ ଦିବାଲୋକରେ ଜଳଙ୍ଗା ରାସ୍ତାରୁ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ବଡ଼ଧରଣର ଲୁଟ୍ ଘଟାଇବା ପରେ ସେହି ରାତିରେ ଅପର୍ତ୍ତିବିନ୍ଧା ନିୟୁ କଲୋନୀ ମହିଳା ଡାକ୍ତରଙ୍କ ଘରୁ ସୁନା ଓ ହୀରା ଅଳଙ୍କାର ଲୁଟ୍ ହେବା ଘଟଣା ପୋଲିସ ପ୍ରତି ଖୋଲା ଚ୍ୟାଲେଞ୍ଜ ବୋଲି ସ୍ଥାନୀୟ ବାସିନ୍ଦା କହୁଛନ୍ତି। ସହରରେ ପାଟ୍ରୋଲିଂ ବ୍ୟବସ୍ଥା ଜାରି ଥିବା ସତ୍ତ୍ୱେ ଲୁଟେରା ଗ୍ୟାଙ୍ଗକୁ କାବୁ କରାଯାଇ ପାରୁ ନ ଥିବା ଚିନ୍ତା ବଢ଼ାଇଛି। ଗୋଇନ୍ଦା ବ୍ୟବସ୍ଥା ମଧ୍ୟ ଫେଲ୍ ମାରିଛି। ବିଭିନ୍ନ ଲୁଟ୍ ଘଟଣାର ତରିକା ଏକପ୍ରକାର ଥିବା କାରଣରୁ ଗୋଟିଏ ଗ୍ୟାଙ୍ଗ ଦ୍ୱାରା ଏସବୁ ଲୁଟ୍ ହେଉଥିବା ଅନୁମାନ କରାଯାଉଛି। ଏନେଇ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ାଙ୍କୁ ପଚାରିବାରୁ କହିଛନ୍ତି, ଲୁଟେରାମାନେ ଲୁଟ୍ କରି ସ୍ଥାନ ପରିବର୍ତ୍ତନ କରି ଜିଲା ବାହାରକୁ ଚାଲିଯାଉଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବପର ହେଉ ନାହିଁ। ସ୍ୱତନ୍ତ୍ର ଟିମ୍ ଏନେଇ ତନାଘନା ଜାରି ରଖିଛି।

## ସଂକ୍ଷେପରେ

### ଯାଜପୁରରୁ ଟାୱାର ବ୍ୟାଟେରି ଚୋରି: ବନ୍ତରୁ ଜଣେ ଗିରଫ

ବନ୍ତ,୨୬।୯(ଡି.ଏନ.ଏ.): ଯାଜପୁର ଅଞ୍ଚଳର ମୋବାଇଲ ଟାୱାର ବ୍ୟାଟେରି ଚୋରି ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ବନ୍ତ ପୋଲିସ ସହାୟତାରେ ବନ୍ତ ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବନ୍ତ ଅଞ୍ଚଳର ଜ୍ୟୋତି ନାୟକ। ପୋଲିସ ସୂଚନା ଅନୁଯାୟୀ, ଗତ କିଛିଦିନ ପୂର୍ବେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ମୋବାଇଲ ଟାୱାର ବ୍ୟାଟେରି ଚୋରି ହୋଇଥିଲା। ଏହି ଘଟଣାରେ ବିଞ୍ଝାରପୁର ପୋଲିସକୁ କିଛି ସୁରାକ ମିଳିଥିଲା। ଚୋରିରେ ଏକ କାର୍ ବ୍ୟବହୃତ ହୋଇଥିବା ନେଇ ଜଣାପଡ଼ିବା ପରେ ପୋଲିସ ଉକ୍ତ କାର୍ ନମ୍ବରକୁ ଆଧାର କରି ମାଲିକଙ୍କ ଠିକଣା ସଂଗ୍ରହ କରିଥିଲା। ଉକ୍ତ କାର୍ ମାଲିକ ବନ୍ତ ଅଞ୍ଚଳର ଜ୍ୟୋତି ନାୟକ ବୋଲି ଜଣାପଡ଼ିବା ପରେ ବିଞ୍ଝାରପୁର ପୋଲିସ ବନ୍ତ ପୋଲିସ ସହିତ ଯୋଗାଯୋଗ କରିଥିଲା। ମଙ୍ଗଳବାର ରାତିରେ ବିଞ୍ଝାରପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସମ୍ପୃକ୍ତ କାର୍ ମାଲିକଙ୍କୁ ଗିରଫ କରିବା ସହ ଗାଡ଼ି ଜବତ କରି ବିଞ୍ଝାରପୁର ଥାନାକୁ ନେଇଥିବା ଜଣାଯାଇଛି।

### ଟ୍ରକ ଓଲଟି ଡ୍ରାଇଭର ଗୁରୁତର

ପଦ୍ମପୁର,୨୬।୯(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କମାରଗାଁ ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ମିନିଟ୍ରକ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡ୍ରାଇଭର ଜଣଙ୍କ ଚଳିଆ ଗ୍ରାମର ନଖିଆ ଜେନା ବୋଲି ଜଣାପଡ଼ିଛି। ଗାଡ଼ିଟି ବାସୁଦେବପୁରରୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଧାନବିଲକୁ ଓଲଟି ପଡ଼ିଥିଲା।

### ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପି ନେଲେ ଦୁର୍ବୃତ୍ତ

ବାସୁଦେବପୁର,୨୬।୯(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ବାଲିଛନ୍ଦାଘାଟ ରାସ୍ତାର ମାଛହାଟ ଛକରୁ ଜଣେ କଲେଜ ପଢ଼ୁଆ ଛାତ୍ରୀଙ୍କ ବ୍ୟାଗ୍ ଜଣେ ଦୁର୍ବୃତ୍ତ ଝାମ୍ପି ନେଇଛନ୍ତି। ଛାତ୍ରୀ ଜଣଙ୍କ ହେଲେ ଇରମ ଅଞ୍ଚଳର ମଧୁସ୍ମିତା ପତି। ସେ ମଙ୍ଗଳବାର ଅପରାହ୍ନରେ କଲେଜରୁ ସାଇକେଲରେ ଘରକୁ ଫେରୁଥିଲେ। ମାଛହାଟ ଛକରେ ଜଣେ ଦୁର୍ବୃତ୍ତ ତାଙ୍କ ସାଇକେଲରୁ ବ୍ୟାଗ୍ ଝାମ୍ପି ନେଇ ପଳାଇଥିବା ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ବ୍ୟାଗରେ ଛାତ୍ରୀଙ୍କ ୧ ହଜାର ଟଙ୍କା, ଏଟିଏମ୍ କାର୍ଡ ସମେତ କେତେକ ପାଠ୍ୟପୁସ୍ତକ ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଥାନାଧିକାରୀ ସୁଜାତା ଖମାରୀ କହିଛନ୍ତି।

### କୃମିନାଶକ ଦିବସ ପାଳିତ

ଭଣ୍ଡାରିପୋଖରୀ,୨୬।୯(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପୌରୋହିତ୍ୟ କରିଥିଲେ। ଖୋଲାରେ ଶୌଚ ନ କରିବା, ଫଳ ଓ ପନିପରିବାକୁ ଭଲ ଭାବେ ଧୋଇବା, ଖାଦ୍ୟକୁ ଘୋଡ଼ାଇ ରଖିବା, ସର୍ବଦା ବିଶୁଦ୍ଧ ପାଣି ପିଇବା, ନିଜ ପରିବେଶକୁ ନିର୍ମଳ ରଖିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଆଲବେନ ଡାଜୋଲ(କୃମିନାଶ ବଟିକା) ବଣ୍ଟନ କରାଯାଇଥିଲା। ଶିକ୍ଷକ ଇନ୍ଦ୍ରଜିତ ମଲିକ, ବସନ୍ତ ସ୍ୱାଇଁ, ହେମନ୍ତ ମହାନ୍ତି, ସେକ ଇମାସୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ କୃମିନାଶକ ଦିବସ ପାଳନ କରାଯାଇଥିଲା। ଶିକ୍ଷକ ବିଭୂତି ଭୂଷଣ ମହାନ୍ତି, ଧନେଶ୍ୱର ସାହୁ, ଗାୟତ୍ରୀ ସାହୁ, ମଧୁସ୍ମିତା ପରିଡା, ଲକ୍ଷ୍ମୀପ୍ରିୟା ଶତପଥୀ, ଅମୀତା ଜେନା ପ୍ରମୁଖ ଉପସ୍ଥିତ ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରିଥିଲେ।

## ଚାଷଜମି ବିବାଦରୁ ଗଣ୍ଡଗୋଳ
## ଉଭୟ ପକ୍ଷରୁ ୧୪ ଜଣଙ୍କ ନାମରେ ମାମଲା

ବନ୍ତ,୨୬।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ମୌଜାର ଏକ ଚାଷଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଓ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ଆଗରପଡ଼ା ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରଇଁତିରା ଗ୍ରାମର ବାବାଜୀ ପେଡାଙ୍କ ସ୍ତ୍ରୀ ଫୁଲମଣୀ କେତେକ ଲୋକଙ୍କୁ ନେଇ ତାଙ୍କ ଚାଷଜମିକୁ ଯାଇଥିଲେ। ପୁରୁଷଣ୍ଡ ଗ୍ରାମର ଯଯାତି କେଶରୀ ଯେନାଙ୍କ ସ୍ତ୍ରୀ ସସ୍ମିତା କେତେକ ଲୋକଙ୍କୁ ନେଇ ଉକ୍ତ ଜମି ଗୋଚର ହୋଇଥିବାରୁ ଚାଷକାର୍ଯ୍ୟରେ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ସମ୍ପର୍କରେ ଫୁଲମଣିଙ୍କ ଏତଲା କ୍ରମେ ଆଗରପଡା ଥାନାରେ ୮ ଜଣଙ୍କ ନାମରେ ଏକ ମାମଲା (ନଂ.୧୧୧/୧୮) ରୁଜୁ କରାଯାଇଛି। ଅନ୍ୟପକ୍ଷେ ସସ୍ମିତାଙ୍କ ଏତଲା କ୍ରମେ ୬ ଜଣଙ୍କ ନାମରେ ଏକ ମାମଲା (ନଂ.୧୧୪/୧୮) ରୁଜୁ କରାଯାଇଛି। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି।

## ଜଳିଗଲା ୭ ବଖରା: ୨ ଗୋରୁ ଜୀବନ୍ତ ଦଗ୍ଧ

ବନ୍ତ,୨୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ତରାଗୋ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୭ ବଖରା ଘର ଜଳିଯାଇଛି। ଏଥିସହିତ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡରେ ଗ୍ରାମର ଲକ୍ଷ୍ମୀଧର ବାରିକଙ୍କର ୪ ବଖରା ସହ ୨ ଗୋରୁ ଜଳି ଯାଇଥିବା ବେଳେ ଜୟଶ୍ରୀ ବାରିକଙ୍କ ୩ ବଖରା ପୋଡ଼ିଯାଇଛି। ଏଥିରେ ଉଭୟ ପରିବାରର ଧାନ, ଚାଉଳ, ସୁନାଗହଣା ସମେତ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗାଁ ଲୋକେ ଭଣ୍ଡାରିପୋଖରୀ ଓ ଭଦ୍ରକ ଦମକଳ ବାହିନୀକୁ ଫୋନ୍ କରିଥିଲେ ମଧ୍ୟ କେହି ଫୋନ୍ ଉଠାଇ ନ ଥିଲେ ବୋଲି କୁହାଯାଇଛି। ଫଳରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ବୁଧବାର ସକାଳେ ସ୍ଥାନୀୟ ସରପଞ୍ଚ ତିଳୋତ୍ତମା ବାରିକ ଓ ସମିତିସଭ୍ୟ ରବୀନ୍ଦ୍ର ଧଳ ବିପନ୍ନ ପରିବାରଙ୍କୁ ଭୋଟି ସହାୟତା ପ୍ରଦାନ କରିଛନ୍ତି। ପରେ ବନ୍ତ ତହସିଲଦାର ଫକୀର ଚରଣ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ସୁପରଭାଇଜର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ବିପନ୍ନ ପରିବାରଙ୍କୁ ବନ୍ତ ତହସିଲ ପକ୍ଷରୁ ୨ଟି ପଲିଥିନ ଯୋଗାଇ ଦିଆଯିବା ସହ ପ୍ରାଥମିକ ତଦନ୍ତ କରାଯାଇଥିବା ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୨ ଗୋରୁ ବୋଝେଇ ଗାଡ଼ି ଜବତ: ଜଣେ ଅଟକ



ଭଦ୍ରକ ଅଫିସ,୨୬।୯

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଗେଲପୁର ସ୍କୁଲ ଛକ ନିକଟରୁ ବୁଧବାର ଅପରାହ୍ନରେ ୨ଟି ଗୋରୁ ବୋଝେଇ ଗାଡ଼ିକୁ ଗ୍ରାମାଞ୍ଚଳ ଥାନା ପୋଲିସ ଜବତ କରିଛି। ଜଣେ ଡ୍ରାଇଭର ଫେରାର ଥିବାବେଳେ ଅନ୍ୟ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ପାଣିକୋଇଲିରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ୨ଟି ଗୋରୁ ବୋଝେଇ ପିକଅପ୍‌କୁ ଗ୍ରାମବାସୀ ଅଟକାଇଥିଲେ। ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ସନ୍ଦେହ କରି ଗ୍ରାମବାସୀ ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ଦୁଇ ଗାଡ଼ିରେ ପ୍ରାୟ ୩୦ ଗୋରୁ ଦୟନୀୟ ଅବସ୍ଥାରେ ଚାଲାଣ କରାଯାଉଥିବା ଦେଖି ଉତ୍ୟକ୍ତ ଲୋକେ ଗାଡ଼ିର କାଚ ଭାଙ୍ଗିଦେଇଥିଲେ। ଏହି ସମୟରେ ଏକ ଗାଡ଼ିର ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଥିଲା। ଏଥିସହ ଗୋଟିଏ ଗାଡ଼ିର ଡ୍ରାଇଭରଙ୍କୁ ଥାନାକୁ ନେଇଥିଲା। ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଆଦାନୀକୁ 'ସ୍କଚ୍-୨୦୧୮' ପୁରସ୍କାର



ଆଦାନୀ କର୍ତ୍ତୃପକ୍ଷଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ ଅଫିସ,୨୬।୯

ଆଦାନୀ ଫାଉଣ୍ଡେଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆଦାନୀ ୱିଲମାରର ସୁପୋଷଣ କାର୍ଯ୍ୟକ୍ରମ ପାଇଁ ସ୍କଚ୍-୨୦୧୮ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ୧୯ ତାରିଖରେ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ କ୍ଲବଠାରେ ଆୟୋଜିତ ୫୩ ତମ ସ୍କଚ୍ ଷ୍ଟେଟ୍ ଅଫ୍ ଗଭର୍ନାନ୍ସ ସମ୍ମିଳନୀ-୨୦୧୮ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍କଚ୍ ଆୱାର୍ଡ ମୁଖ୍ୟ ସମୀର କୋଚର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦାନୀ ଫାଉଣ୍ଡେଶନ ହେଡ ଅପରେଶନ ସଞ୍ଜୀବ ରଞ୍ଜାରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଦାନୀ ପକ୍ଷରୁ ଆୟୋଜିତ ସୁପୋଷଣ, ସ୍ୱଚ୍ଛାଗ୍ରହ ଏବଂ ଦ ଲାଷ୍ଟ ମାଇଲ ପରିଯୋଜନା ପୃଥକ୍ ଭାବେ ସ୍କଚ୍ ଅର୍ଡର ଅଫ୍ ମେରିଟ ପ୍ରାପ୍ତ ହୋଇଛି। ଜନହିତକର କାର୍ଯ୍ୟ ପାଇଁ ନିଆଯାଉଥିବା ନିରନ୍ତର ପଦକ୍ଷେପ ଯୋଗୁ ଏଭଳି ମର୍ଯ୍ୟାଦା ସମ୍ପନ୍ନ ପୁରସ୍କାର ପ୍ରାପ୍ତ ସମ୍ଭବ ହୋଇଛି ବୋଲି ଆଦାନୀ ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ପ୍ରୀତି ଆଦାନୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଗଡ଼ିଲା ଶାମ୍ଭ ରଥ


ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶାମ୍ଭ ରଥକୁ ଉଦ୍‌ଘାଟନ କରାଯାଉଛି।

ଭଣ୍ଡାରିପୋଖରୀ, ୨୬।୯(ଡି.ଏନ.ଏ.)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁଷ୍ଠ ନିରାକରଣ ଅଭିଯାନ ସଚେତନତା ଶାମ୍ଭ ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଗଣେଶ ଚନ୍ଦ୍ର ପତି ମଙ୍ଗଳବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତା ରାଉତ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜୟନ୍ତ ଭୋଇ, ସୁପରଭାଇଜର ମନୋରଞ୍ଜନ ରାଉତ, ପ୍ରଦୀପ ନାୟକ, ନିରଞ୍ଜନ ସାହୁ, ଧନଞ୍ଜୟ ସାମଲ, ପ୍ରକାଶ ରାୟ, ଅମରଜିତ ରାୟ ପ୍ରମୁଖ ଉପସ୍ଥିତ ରହି କୁଷ୍ଠ ରୋଗ ସମ୍ପର୍କରେ ବୁଝାଇଥିଲେ। ଏହି ସଚେତନତା ଗାଡି ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କ ମଧ୍ୟରେ କୁଷ୍ଠ ସମ୍ପର୍କିତ ବାର୍ତ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ପ୍ରଚାର କରିବ। ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଆଶା ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି କୁଷ୍ଠ ରୋଗ ଚିହ୍ନଟ କରି ଔଷଧ ପ୍ରଦାନ କରିବେ ବୋଲି କୁହାଯାଇଛି।

## ପ୍ଲାଷ୍ଟିକମୁକ୍ତ ସଚେତନତା



ଧାମନଗର ବ୍ଲକ ଗୌରାଙ୍ଗପୁରଠାରେ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ।

ଧାମନଗର,୨୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁରଠାରେ ନବଜୀବନ ଫାଉଣ୍ଡେଶନ ଓଡ଼ିଶା ଶାଖା ତରଫରୁ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋହଡ଼ା ସରପଞ୍ଚ ପ୍ରମୋଦ କୁମାର ସୂତାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନର ସଦସ୍ୟମାନେ ଗ୍ରାମ ମଧ୍ୟରୁ ବର୍ଜ୍ୟ ପ୍ଲାଷ୍ଟିକ ସାମଗ୍ରୀ, ପଲିଥିନ ସଫା କରି ସଚେତନତା ପାଇଁ ଏକ ଶୋଭାଯାତ୍ରାରେ ବାହାରି ଗୌରାଙ୍ଗପୁର ମଠରେ ପହଞ୍ଚିଥିଲେ। ମାନସ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପଲିଥିନ ବ୍ୟବହାରର ଅପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଚେତନତା ଅଭାବ ପାଇଁ ଏହାଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସେ ମତବ୍ୟକ୍ତ କରିଥିଲେ। ସଭାପତି ସାହୁ ନିଜ ବକ୍ତବ୍ୟରେ ଧରିତ୍ରୀ ତରଫରୁ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଆହ୍ୱାନକୁ ସମର୍ଥନ କରିବା ସହ ସଚେତନତା ଦ୍ୱାରା ପ୍ଲାଷ୍ଟିକ ବ୍ୟବହାରକୁ ରୋକାଯାଇ ପାରିବ ବୋଲି କହିଥିଲେ। ଡା. ଅରବିନ୍ଦ ଦାସ ପ୍ଲାଷ୍ଟିକ ବ୍ୟବହାର ସମ୍ପର୍କରେ ବିଜ୍ଞାନ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଶେଷରେ ଚିରଞ୍ଜୀବ ନାୟକ ଧନ୍ୟବାଦ ଦେଇଥିଲେ।

## ୨୮ ଦିନରେ ଓକିଲଙ୍କ ଆନ୍ଦୋଳନ

ଭଦ୍ରକ ଅଫିସ,୨୬।୯

ଆଇନଜୀବୀଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ୨୮ ଦିନରେ ପହଞ୍ଚିଥିଲା। କଟକ ହାଇକୋର୍ଟଙ୍କ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ପୋଲିସଙ୍କୁ ଗିରଫ ଦାବିରେ ଓକିଲମାନେ ବୁଧବାର ସକାଳୁ ଉପଜିଲାପାଳଙ୍କ ଅଫିସ, କୋର୍ଟ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦିଆଯାଇଥିଲା। ଜିଲାର ମୁଖ୍ୟ ଦପ୍ତର କୁହାଯାଉଥିବା ଜିଲାପାଳଙ୍କ ଅଫିସ, ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ ଉପଜିଲାପାଳ, ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଜିଲା କ୍ରୀଡ଼ା କାର୍ଯ୍ୟାଳୟ, ଭଦ୍ରକ ତହସିଲ ଓ ବିଡିଙ୍କ ଅଫିସ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ୨ଟି କୋର୍ଟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ, ବରିଷ୍ଠ ଓ କନିଷ୍ଠ ଦେୱାନୀ କୋର୍ଟ, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କୋର୍ଟ, ଜିଲା ଜଜ୍ ଓ ଅତିରିକ୍ତ ଜିଲା ଜଜ୍ କୋର୍ଟ, ଏସ୍‌ଡିଜେଏମ୍‌ଙ୍କ କୋର୍ଟ, ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ବିଚାରପତି ଓ କର୍ମଚାରୀ ପଶିପାରି ନ ଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ କାମ ନେଇ ଆସିଥିବା ମହିଳା ଓ ପୁରୁଷମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭଦ୍ରକର ଶତାଧିକ ଓକିଲ ଆନ୍ଦୋଳନରେ ସାମିଲ ହୋଇଛନ୍ତି।


କୋର୍ଟ ମୁଖ୍ୟ ଫାଟକରେ ତାଲା ପକାଇ ଆଇନଜୀବୀମାନେ ବିକ୍ଷୋଭ କରୁଛନ୍ତି।

■କୋର୍ଟ ମୁଖ୍ୟ ଫାଟକରେ ତାଲା
■କାର୍ଯ୍ୟାଳୟକୁ ପଶିପାରିଲେନି ପ୍ରଶାସନିକ ଅଧିକାରୀ

## ଭଦ୍ରକରେ ମେଡିକାଲ କଲେଜ ଦାବି ନେଇ ଆନ୍ଦୋଳନ

ଧାମନଗର,୨୬।୯ (ଡି.ଏନ.ଏ.)

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଧୂଷୁରୀ ବଜାର ନିକଟ ମନ୍ଦିରରୁ ବିଶାଳ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ବସ୍‌ଷ୍ଟାଣ୍ଡରେ ଚତୁର୍ଭୁଜ ନାୟକଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ହୋଇଥିଲା। ଭଦ୍ରକରୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ନ୍ୟାଯ୍ୟ ଦୃଷ୍ଟିରୁ ଭଦ୍ରକରେ କଲେଜ ପ୍ରତିଷ୍ଠା ଲାଗି ଘୋଷଣା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ବଜାର କମିଟିର ଡା.ଗିରୀଶ ନାୟକ, ବାବୁଲି ସ୍ୱାଇଁ, ନବଜୀବନ ଫାଉଣ୍ଡେଶନର ମାନସ ସାହୁ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ବେହେରା, ସରପଞ୍ଚ ଅନିରୁଦ୍ଧ ସାହୁ, ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ବଜାର କମିଟିର ସଦସ୍ୟ, ବାବାମଣି କଲେଜ ଏବଂ ଆଇଜିଏମ୍ କଲେଜର ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ। ଧୂଷୁରୀ ଥାନାଧିକାରୀ ଗୟାଧର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବୁଧବାର ଚୁଡ଼ାମଣି ଓ ଦୋବଲ ଅଞ୍ଚଳରେ ଶୋଭାଯାତ୍ରା କରାଯାଇଥିଲା।

## 'ଏସିଡ୍ ଆକ୍ରମଣ ଏକ ନିନ୍ଦନୀୟ ଅପରାଧ'

ବାସୁଦେବପୁର,୨୬।୯(ଡି.ଏନ.ଏ.)

ବାସୁଦେବପୁର ଇରମ ଶହୀଦ ସ୍ମୃତି କଲେଜ ପରିସରରେ ତାଲୁକ ଆଇନସେବା ପ୍ରାଧିକରଣ ସଂସ୍ଥା ପକ୍ଷରୁ ଏସିଡ୍ ଆକ୍ରମଣ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଜେଏମ୍‌ଏଫ୍‌ସି ଦେୱାନୀ କୋର୍ଟ ବରିଷ୍ଠ ବିଚାରପତି ଡ. କରୁଣ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏସିଡ୍ ଆକ୍ରମଣ ଏକ ନିନ୍ଦନୀୟ ଅପରାଧ ବୋଲି ବକ୍ତବ୍ୟ ରଖିଥିଲେ। ସମାଜରେ ୮୦ ପ୍ରତିଶତ ମହିଳା ଓ ଯୁବତୀଙ୍କ ଉପରେ ଏସିଡ୍ ମାଡ଼ ହେଉଛି। ଏ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ଥିବାବେଳେ ଏହି କେଶ୍‌କୁ ତୁରନ୍ତ ବିଚାର ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏସିଡ୍ ଆକ୍ରାନ୍ତଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ ବ୍ୟବସ୍ଥା ଥିବା ସେ ସୂଚନା ଦେବା ସହ ଆକ୍ରାନ୍ତଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଃଶାସନ ମଲିକ, ପୂର୍ବତନ ଅଧ୍ୟକ୍ଷ କଟଚନ୍ଦ୍ର ବେହେରା, ଆଇନଜୀବୀ ଗୋବର୍ଦ୍ଧନ ବଳ, ସ୍ମୃତିରଞ୍ଜନ ପଳିତା, ସୌକିତ ଅଲ୍ଲୀ, ଅଧ୍ୟାପକ ରାଜକିଶୋର ବାରିକ, ଶରତ ଜେନା, ପୀତବାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



“ ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ। -ହାରିଏଟ୍ ବିଚର ଷ୍ଟୋ

## ସଂକ୍ଷେପରେ

### ଜମିଜମା ବିବାଦ ନେଇ ଗଣ୍ଡଗୋଳ

**କପ୍ତିପଦା,ତା୨୬।୯(ଡି.ଏନ୍.ଏ.):** ଜମିବାଡି ସଂକ୍ରାନ୍ତୀୟ ପୂର୍ବ ଶତ୍ରୁତାକୁ ନେଇ କପ୍ତିପଦା ଥାନା ଅଧିନ ଚମ୍ପାପାଳ ଗ୍ରାମର ଦୁଇ ପରିବାର ମଧରେ ଗଣ୍ଡଗୋଳ ଘଟିଛି। ଗ୍ରାମର ସରସ୍ୱତୀ ପାତ୍ର ନାମ୍ନୀ ମହିଳାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ ୧୧୩/୧୮ ) ରୁଜୁ କରି ତଦନ୍ତ ଜାରୀ ରଖିଛି । ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଗଣେଶ୍ୱର ପାତ୍ର, ନିନିମଣୀ ପାତ୍ର, କୁନି ପାତ୍ର । ଉଭୟ ପରିବାର ମଧରେ ଗତ କିଛିଦିନ ତଳେ ଗଣ୍ଡଗୋଳ ଘଟିଥିବାରୁ ସରସ୍ୱତୀ ପାତ୍ରଙ୍କ ଅଭିଯୋଗ କ୍ରମେ ମାମଲା (ନଂ ୧୦୪/ ୧୮) ୭ ଜଣଙ୍କ ବିରୋଧରେ ରୁଜୁ ହୋଇଥିଲା । ଗତ ୧୨ ସେପ୍ଟେମ୍ବରରେ ପୋଲିସ ଉପସ୍ଥିତିରେ ସିଭିଲ କମିଶନଙ୍କ ପକ୍ଷରୁ ଜାଗା ମାପଚୁପ କରାଯିବା ପରେ ଉଭୟ ପରିବାର ମଧରେ ଗଣ୍ଡଗୋଳ ଘଟିଥିଲା । ଅଭିଯୋଗକାରିଣୀଙ୍କ ସମେତ ତାଙ୍କ ପରିବାର ଉପରେ ଅଭିଯୁକ୍ତମାନେ ଆକ୍ରମଣ କରିବା ସହିତ ଗାଳିଗୁଲଜ ଓ ବିଭିନ୍ନ ଧମକ ଦେଇଥିବା ଜଣାଯାଇଛି ।

### ଭାଗବତ ପାଠ ମହୋତ୍ସବ

**ବହଳଦା,୨୬।୯(ଡି.ଏନ.ଏ):** ବହଳଦା ବ୍ଲକ ବାହ୍ମଣଶାସନ ଗାଁ ଯଦୁନାଥପୁର ଶାସନରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳୁ ଗ୍ରାମର ଆରାଧ୍ୟ ଧବଳେଶ୍ୱର ମହାଦେବଙ୍କ ଅଭିଷେକ, ତୁଳସୀ ଓ ବିଷ୍ଣୁ ସହସ୍ର ନାମ ପାଠ , ଭାଗବତ ପଠନ ଓ ଶ୍ରବଣ କରାଯାଇଥିଲା। ନୀଳରତନ ସାମନ୍ତରାୟ, ଅରୂପ ସାମନ୍ତରାୟ,ମାନସ ଦାଶ, ମଳୟ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଭାଗବତ ପ୍ରେମୀ ଏଥିରେ ଯୋଗଦେଇଥିଲେ।

### ‘ଜନହିତକର କାର୍ଯ୍ୟରେ ସାମିଲ ହୁଅ’




**ଉଦଳା, ୨୬।୯ (ଡି.ଏନ.ଏ.):** ଉଦଳା ବ୍ଲକ କୁଣ୍ଡାବାଇସ୍ଥିତ ଆର.ଡି.ଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ଉଦ୍‌ଘାଟନ କରିବା ସହ ଏନ.ଏସ୍.ଏସ୍ ମାଧମରେ ବ୍ୟକ୍ତିତ୍ୱ ବିକାଶ ତଥା ଗ୍ରାମାଞ୍ଚଳରେ ବିଭିନ୍ନ ଜନହିତକର କାର୍ଯ୍ୟ ମାଧମରେ ଲୋକଙ୍କ ନିକଟତର ହେବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ସମ୍ମାନୀତ ଅତିଥି ଭାବେ ରୋହିଦାସ ସୋରେନ, ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଅରବିନ୍ଦ ମୁଦୁଲି, ଅକ୍ଷୟ କୁମାର ଗିରି, ଇଂରାଜୀ ବିଭାଗ ମୁଖ୍ୟ ଡ. ଅଜିତ କୁମାର ମହାପାତ୍ର ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଦିଲ୍ଲୀପ କୁମାର ପ୍ରମାଣିକ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏନ.ଏସ.ଏସ ରେ ଯୋଡିହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କ ମଧରେ ଦୀପକ ମିଶ୍ର, ରଶ୍ମିତା ମହାନ୍ତ, ମହେନ୍ଦ୍ର ବେହେରା, ରାମଚନ୍ଦ୍ର ଟୁଡୁ, ଲକ୍ଷ୍ମୀପ୍ରିୟା ମହାକୁଡ, ସ୍ୱାତିଶ୍ମିତା ପରିଡା ପ୍ରମୁଖ ସହଯୋଗ କରିଥିଲେ ।

### ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରିବାକୁ ପ୍ରୟାସ

**କୋଷ୍ଠା,୨୬।୯:** କୋଷ୍ଠା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଅଛି । ଓଡିଶା ବିଧାନ ସଭାର ବାଚସ୍ପତି ସାନନ୍ଦ ମାରାଣ୍ଡି , ସାଂସଦ ଇଂ. ରାମଚନ୍ଦ୍ର ହାଁସଦାଃ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି, ବିଜୁ ଯୁବ ବାହିନୀର ରାଜ୍ୟସ୍ତରୀୟ ଅଧିକାରୀ ବିବେକାନନ୍ଦ ପଣ୍ଡା, ଶୂଳିଆପଦା ଥାନା ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, କଲେଜ ଅଧକ୍ଷ ସୁବ୍ରତ କୁମାର ପଟ୍ଟନାୟକ ଓ ଶୂଳିଆପଦା ବ୍ଲକ ଭାରପ୍ରାପ୍ତ ବି.ଡି.ଓ. ତଥା ତହସିଲଦାର ବିନୋଦ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରି ଉପଯୁକ୍ତ ପ୍ରୋତ୍ସାହନ ଦେଇ ଆଗକୁ ବଢାଇବା ନିମନ୍ତେ ଏହା ଏକ ଅଭିନବ ପ୍ରୟାସ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ । ଏହି ଅବସରରେ ସମାଜର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା କୁଶଳୀ ଯୁବ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା ।

# ‘ଟାରାରୋପଣ ବନ୍ଦ ନ କରି ଚାଲୁ ରଖ’

**ବାରିପଦା ଅଫିସ,୨୬।୯**

**ଜିଲାପରିଷଦ ବୈଠକ**
- ଟାରା ଦୁର୍ନୀତି ନେଇ ସଭ୍ୟାସଭ୍ୟଙ୍କ ଆଲୋଚନା
- ବର୍ଷା ଦିନେ ଆଦିବାସୀଙ୍କୁ ମିଳୁଛି କାମ
- ଗଛର ରକ୍ଷଣାବେକ୍ଷଣକୁ ୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବ

ମୟୂରଭଞ୍ଜ ଜିଲାରେ ଟାରା ଦୁର୍ନିତୀ ହୋଇଥିବା ନେଇ ରାଜ୍ୟ ରାଜନୀତି ଜୋର ଧରିଛି। ଏପରିକି ବିଧାନସଭାରେ ମଧ ଏହି ତାତି ଲାଗିରହିଛି। ବିରୋଧୀ ଦଳ ଏହି ଦୁର୍ନିତୀ ଅଭିଯୋଗ ଆଣି ଶାସକ ଦଳକୁ ଘେରିଛନ୍ତି। ତେବେ ମୟୂରଭଞ୍ଜ ଜିଲାରେ କିନ୍ତୁ ଏହାର ବିପରୀତ ଦେଖିବାକୁ ମିଳିଛି। ଜିଲାରେ ଏହି ଟାରାରୋପଣ ଯୋଜନା ବନ୍ଦ ନ କରି ଚାଲୁ ରଖିବାକୁ ଦାବି କରିଛନ୍ତି ନିର୍ବାଚିତ ପ୍ରତିନିଧୀମାନେ। ଏହାଦ୍ୱାରା ବଣପାହାଡ ଘେରା ଅଞ୍ଚଳରେ ଆଦିବାସୀଙ୍କ ଜିବନଜୀବିକା ତଥା ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ଘଟିଥିବା ସେମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବାରିପଦା ସହର ମୁର୍ଗାବାଡିଠାରେ ଜିଲା ପରିଷଦ ସଭାପତି ସୁଜାତା ମୁର୍ମୁଙ୍କ ଅଧକ୍ଷତାରେ ମଙ୍ଗଳବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ସରୋଜୀନି ହେମ୍ବ୍ରମ, ଏମ୍‌ପି ଇଂ ରାମଚନ୍ଦ୍ର ହାଁସଦା, ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ରାଇରଙ୍ଗପୁର ବିଧାୟକ ସାଇବା ସୁଶିଲ କୁମାର ହାଁସଦା, ସାରସକଣା ବିଧାୟକ ଭାଦବ ହାଁସଦା, ବଡସାହି ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧାନସଭାରେ ଟାରା ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କେତେକ ହାତଗଣତି ଭାଜପା ପ୍ରତିନିଧୀ ବିରୋଧ କରିଥିଲେ । ଅନ୍ୟପକ୍ଷରେ ଏହି ଯୋଜନାରେ ଜିଲାରେ ଜନସାଧାରଣ ତଥା ଗ୍ରାମାଞ୍ଚଳରେ ଚାଷୀ ଉପକୃତ ହେଉଥିବା ଭାଜପା, ଜେଏମଏମ ଓ ବିଜେଡି ପ୍ରତିନିଧୀ କହିଥିଲେ। ଏହି କାର୍ଯ୍ୟକ୍ରମ ତଥା ଯୋଜନାକୁ ବନ୍ଦ ନ କରି ଚାଲୁ ରଖିବା ପାଇଁ ସେମାନେ ପ୍ରସ୍ତାବ ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଟାରା ଲଗାଇବା ପରେ ଗଛରୁ ଫଳ ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରାଯାଉଥିଲା। ମାତ୍ର ଏହାପରେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଗଛଗୁଡିକ ମରି ଯାଉଛି। ତେବେ ବିଭାଗ ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରୁଥିବା ବେଳେ ଏହି ସମୟସୀମା ୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିର୍ବାଚିତ ପ୍ରତିନିଧୀମାନେ ଦାବି କରିଥିଲେ। ବର୍ଷା ଦିନେ ଗ୍ରାମାଞ୍ଚଳରେ ଲୋକଙ୍କୁ କାମ ଧନ୍ଦା ମିଳୁ ନ ଥିବା ବେଳେ ଏହି ଯୋଜନା ଦ୍ୱାରା ଲୋକେ କାମ ପାଇପାରୁଥିବା ମଧ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି ଜିଲାରେ ଟାରା ଘୋଟାଲା ହୋଇଥିବା ନେଇ କଂଗେସ ଓ ଜେଏମଏମ ଆନ୍ଦୋଳନ କରିସାରିଛନ୍ତି। ଏହି ଜିଲା ପରିଷଦ ବୈଠକରେ ଭାଜପାର ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ଟାରା ଦୁର୍ନିତୀ ଅଭିଯୋଗକୁ ଦଳର ବହୁ ସଭ୍ୟାସଭ୍ୟ ସମର୍ଥନ ନ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଉପସଭାପତି ନରେନ୍ଦ୍ର ସାହୁ, ଜିଲାପାଳ ବିନିତ ଭରଦ୍ୱାଜ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତୁଷାରକାନ୍ତି ମହାନ୍ତି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଜିଲା ପରିଷଦ ସଭ୍ୟାସଭ୍ୟ ଓ ପଞ୍ଚାୟତ ସମିତି ଅଧକ୍ଷାଅଧକ୍ଷ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

**ବାରିପଦା ଅଫିସ,୨୬।୯**

ବାରିପଦା ବଡବଜାର ସ୍ଥିତ ବାବା ଶ୍ରୀଶ୍ରୀ ବଳଗଣ୍ଡେଶ୍ୱର ମନ୍ଦିର ପରିସରରେ ଭାଗବତ ଜନ୍ମ ଉପଲକ୍ଷେ ଭାଗବତ ଟୁଙ୍ଗିର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜକ ଗୌରିଶଙ୍କର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟରେ ମଦନମୋହନ ଦାଶ ଓ ପ୍ରମୋଦ କୁମାର ପଣ୍ଡା ସହଯୋଗ କରିଥିଲେ। କବି ବିଷ୍ଣୁ ଶତପଥୀ ଭାଗବତ ଟୁଙ୍ଗୀ ଓ ଭାବଗତର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଚ୍ୟୁତ ପ୍ରସାଦ ମହାପାତ୍ର, ସନ୍ତୋଷ ପାତ୍ର, ଅମ୍ବିକା ପସା, ସିଦ୍ଧେଶ୍ୱର ରଣା, ନରହରି ପାଣିଗ୍ରାହୀ, ନରୋତ୍ତମ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ଭୋଇ, ରତ୍ନାକର ପଣ୍ଡା, ଭାଗବତୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବଙ୍ଗୀୟ ପର୍ଯ୍ୟଟକଙ୍କୁ ଆକ୍ରମଣ, ୧୦ ଆହତ

**ବାରିପଦା ଅଫିସ,୨୬।୯**

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶ ଲୁଲୁଙ୍ଗସ୍ଥିତ ସିତାକୁଣ୍ଡକୁ ବୁଲିବାକୁ ଆସିଥିବା କେତେକ ବଙ୍ଗୀୟ ପର୍ଯ୍ୟଟକ ବୁଧବାର ସ୍ଥାନୀୟ ଯୁବକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ସହ ଆସିଥିବା ମହିଳା ପର୍ଯ୍ୟଟକଙ୍କୁ କମେଣ୍ଟ ମରାକୁ ନେଇ ଏହି ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଜଣାଯାଇଛି। ଆହତ ପର୍ଯ୍ୟଟକଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସୀତାକୁଣ୍ଡ ବୁଲିବାକୁ ଆସି ଖରାପ ଅନୁଭୂତି ନେଇ ଫେରୁଥିବା କ୍ଷୋଭର ସହ କହିଛନ୍ତି ଏହି ପର୍ଯ୍ୟଟକମାନେ।

ବାରିପଦାରୁ ୨୦ କି.ମି ଦୂର ଶିମିଳିପାଳ ପାଦଦେଶ ଲୁଲୁଙ୍ଗସ୍ଥିତ ସୀତାକୁଣ୍ଡ ଜଳପ୍ରପାତରେ ପ୍ରାୟ ବର୍ଷସାରା ଭିଡ ପରିଲକ୍ଷିତ ହୋଇଥାଏ। ଶିମିଳିପାଳ ଗେଟ ପାର୍ଶ୍ୱରୁ ଭାଙ୍ଗି ଏହି ଜଳପ୍ରପାତ ନିକଟକୁ ଯିବାକୁ ପଡିଥାଏ। ଏହାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପଶ୍ଚିମବଙ୍ଗ ଦିଘା ଅଞ୍ଚଳର ପ୍ରାୟ ୨୧ ଜଣ ବୁଧବାର ସକାଳେ ଆସି ପହଞ୍ଚିଥିଲେ। ସେମାନଙ୍କ ମଧରେ ୭ ଜଣ ପୁରୁଷ, ୬ ଜଣ ମହିଳା ଏବଂ ୭ ଜଣ ଶିଶୁ ଅଛନ୍ତି। ମାତ୍ର ସେଠାରେ କେତେକ ସ୍ଥାନୀୟ ଯୁବକ ଏହି ଦଳରେ ଥିବା ମହିଳା ପର୍ଯ୍ୟଟକଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ କମେଣ୍ଟ ମାରିଥିଲେ। ସେମାନଙ୍କ ସହ ଥିବା ପୁରୁଷ ପର୍ଯ୍ୟଟକ ଏହାକୁ ବିରୋଧ କରିବାରୁ ଉଭୟ ପକ୍ଷ ମଧରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ ଯୁବକମାନେ ସଂଘବଦ୍ଧ ଭାବେ ଉକ୍ତ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଛନ୍ତି। ସେଠାରେ ଉପସ୍ଥିତ ଅନ୍ୟମାନେ ଆହତମାନଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ପର୍ଯ୍ୟଟକମାନେ ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ଉକ୍ତ ଯୁବକମାନେ ସେମାନଙ୍କୁ ପିଛା କରି ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇରେ ଏବଂ ମେଡିକାଲ ଭିତରକୁ ପଶି ସେମାନଙ୍କୁ ପୁନର୍ବାର ମାରପିଟ କରିଥିଲେ। ପର୍ଯ୍ୟଟକଙ୍କ ଅଭିଯୋଗକୁ ଭିତ୍ତି କରି ବାରିପଦା ଟାଉନ ଥାନାରେ ଏକ ମାମଲା ନଂ(୨୩୩/୧୮) ରୁଜୁ ହୋଇଛି। ଖବର ପାଇ ପିସିଆର ଭ୍ୟାନ ଆସି ପ୍ରାୟ ୧୦ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ୩ ଜଣଙ୍କୁ ଗିରଫ କରିଥିବା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି। ଗିରଫମାନେ ହେଲେ ବାରିପଦା ସହରର ସଞ୍ଜୟ ସେଠୀ, ଉମେଶ ନାୟକ, ଆଦିତ୍ୟ ସିଂ । ପ୍ରାଥମିକ ଚିକିତ୍ସା ପରେ ଆହତ ବଙ୍ଗୀୟ ପର୍ଯ୍ୟଟକ ସୁସ୍ଥ ଥିବା ଜଣାଯାଇଛି।



ଆହତ ବଙ୍ଗୀୟ ପର୍ଯ୍ୟଟକ।

**କମେଣ୍ଟ ମରାରୁ ଗଣ୍ଡଗୋଳ**

## ଜାତୀୟ ସେବା ଦିବସ




ବୈଠକରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୨୬।୯(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଦିବସ ପାଳିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଫକିର ଚରଣ ବେହେରା ଅଧକ୍ଷତା କରିଛନ୍ତି । ଅନ୍ୟମାନଙ୍କ ମଧରେ ପ୍ରଶାସନିକ ଅଧିକାରୀ ପ୍ରଫେସର ରମେଶ ଚନ୍ଦ୍ର ଜେନା, ଅଧାପକ ନିରଞ୍ଜନ ପାଠୀ, ପ୍ରୋଗ୍ରାମ ଅଫିସର ଡ. ଶୁଭଦର୍ଶନୀ ମହାନ୍ତି, ସହକାରୀ ପ୍ରୋଗ୍ରାମ ଅଫିସର ଅନିତା ହାଁସଦା ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କ ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଇଚ୍ଛୁକ ଛାତ୍ରୀଛାତ୍ର ଏଥିରେ ସାମିଲ ହେବା ଲାଗି ସେ ପରାମର୍ଶ ଦେଇଥିଲେ । ଏତଦବାଦ ମନାଲି ଠାରେ ନିକଟ ଅତୀତରେ ଅନୁଷ୍ଠିତ ଜାତୀୟ ସେବା ଯୋଜନା ଶିବିରରେ ଯୋଗ ଦେଇ ଫେରିଥିବା ଅଧାପିକା ହାଁସଦା ସେଠାରେ ତାଙ୍କର ବିଭିନ୍ନ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଗ୍ରନ୍ଥାଗାରିକ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ଏଡ୍‌ସ ଜାଣିବା ଓ ଏଡ୍‌ସ ଜିଣିବା’ କାର୍ଯ୍ୟକ୍ରମ

**ବଡସାହି,୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ସ୍ଥାନୀୟ ପଞ୍ଚାୟତ ସମିତି କଲେଜରେ ବୁଧବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସ ଏଥିରେ ପୌରହିତ୍ୟ କରିଥିଲେ। ପ୍ରାରମ୍ଭରେ ଯୁଥ ରେଡ୍‌କ୍ରସର ଉପଦେଷ୍ଟା ଅଧାପକ ବିନୋଦ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧାପକ ହରିହର ଜେନା ଓ ମୁଖ୍ୟବକ୍ତା ଭାବେ ଅଧାପକ କୁମୁଦ ଚନ୍ଦ୍ର ସାହୁ ଯୋଗ ଦେଇ ଏଡ୍‌ସ ରୋଗର ଭୟାବହତା, କାରଣ, ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। କେବଳ ସଚେତନତା ଦ୍ୱାରା ଏଭଳି ମାରାତ୍ମକ ରୋଗରୁ ରକ୍ଷା ମିଳି ପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ‘ଏଡ୍‌ସ ଜାଣିବା ଓ ଏଡ୍‌ସ ଜିଣିବା’ ଶିର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅଧାପକ ମୃତ୍ୟୁଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଲୋକେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ବଡ଼ସାହି,୨୬।୯(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମର କୃଷ୍ଣ ମୋହନ ଖଟୁଆ(୪୫) ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ପରିବାର ଲୋକଙ୍କ କହିବାନୁଯାୟୀ କୃଷ୍ଣମୋହନ ବୁଧବାର ସକାଳେ ବିଷ ପିଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନା ଓ ପରେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୩୨/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପୂରଣ ହେଉନି ଶିକ୍ଷକଙ୍କ ଦାବି

# ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ

**ଠାକୁରମୁଣ୍ଡା,୨୬।୯(ଡି.ଏନ.ଏ)**

ସରକାରଙ୍କ ପ୍ରତାରଣା ବିରୋଧରେ ଶିକ୍ଷକ ଅଧାପକ କର୍ମଚାରୀ ମିଳିତ ମଞ୍ଚ ଠାକୁରମୁଣ୍ଡା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ। ଏଥିନିମନ୍ତେ ବୁଧବାର ଠାକୁରମୁଣ୍ଡା ମା’ ବାସୁଲୀ ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୫ଟି ଉଚ୍ଚ ବିଦ୍ୟାଳୟ ସମେତ ୩ଟି ମହାବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ । ମଞ୍ଚର ମୁଖ୍ୟ ଆବାହକ ଅଧାପକ ମନୋରଞ୍ଜନ ଦ୍ୱିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନୀତ ଅତିଥି ଭାବେ ଅଧକ୍ଷ ଅଜୟ ବିଜୟ ନନ୍ଦ ଶର୍ମା, ଓଷ୍ଟା ପ୍ରତିନିଧି ଭାବେ ଶିକ୍ଷକ ସତ୍ୟନାରାୟଣ ଭେଳା,ଓଷ୍ଟା ସଂଘ ଆବାହକ ପ୍ରତାପ ଚନ୍ଦ୍ର ଗିରି, ଦିଲ୍ଲୀପ ମହାନ୍ତ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅଧାପକ ଉପେନ୍ଦ୍ର ମହାନ୍ତି ଯୋଗଦେଇଥିଲେ । ଅକ୍ଟୋବର ୧ରୁ ୮ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଜନତା ଦରବାର କରିବା ସହିତ ୨ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ଘଣ୍ଟିଆ ଅନଶନ କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ ଭୁବନେଶ୍ୱରଠାରେ ହେବାକୁ ଥିବା ମହା ସମାବେଶରେ କର୍ମକର୍ତ୍ତା ଯୋଗ ଦେବା ନିମନ୍ତେ ମଧ ନିଷ୍ପତ୍ତି ହୋଇଥିଲା। ସରକାରଙ୍କ ନୂତନ ଅନୁଦାନ ନିତି କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମଞ୍ଚ ପକ୍ଷରୁ ଦାବୀ ହୋଇଥିଲା ।

# ୫୫୩ଜଣଙ୍କୁ ମିଳିଲା ଭତ୍ତା



ଭତ୍ତା ନେବାକୁ ଆସିଥିବା ହିତାଧିକାରୀ

**ବଡ଼ସାହି,୨୬।୯(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମଧୁବାବୁ ପେନସନ ଯୋଜନାରେ ଆବେଦନ କରିଥିବା ୧୩୫୭ ହିତାଧିକାରୀଙ୍କ ମଧ୍ୟରୁ ୫୫୩ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଏହି ଅବସରରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ଉପାଧକ୍ଷ ଅନ୍ତର୍ଯାମୀ ବେହେରା, ଜିଲାପରିଷଦ ସଦସ୍ୟ କୁମେନ୍ଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ୩୦ଟି ପଞ୍ଚାୟତ ମଧ୍ୟରୁ ପ୍ରଥମ ଦିବସରେ ୫୫୩ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୮୦୪ ହିତାଧିକାରୀଙ୍କୁ ଗୁରୁବାର ଏହା ପ୍ରଦାନ କରାଯିବ ବୋଲି ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି ।

# ‘ଆମକୁ ଆଦିବାସୀ ମାନ୍ୟତା ଦିଅ’

**ବାରିପଦା ଅଫିସ,୨୬।୯**

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ବଗାଳ ପରିବାର ବସବାସ କରୁଛନ୍ତି। ହେଲେ ଆନ୍ତରିକତା ଅଭାବ ହେତୁ ଆଜି ଯାଏ ଏହି ଜାତିକୁ ଆଦିବାସୀ ମାନ୍ୟତା ମିଳିପାରିନାହିଁ। ଏହି ମାନ୍ୟତା ମିଳି ନ ଥିବାରୁ ଏହି ସମ୍ପ୍ରଦାୟର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ବିଭିନ୍ନ ସରକାରୀ କ୍ଷେତ୍ରରେ ସୁବିଧା ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିରେ ଅତିଷ୍ଠ ହୋଇ ସେମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବଗାଳ ଜାତିକୁ ସାମ୍ବିଧାନିକ ଭାବରେ ଆଦିବାସୀ ମାନ୍ୟତା ପାଇଁ ୨ ବର୍ଷ ପୂର୍ବେ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସରକାର ଏନେଇ ପଦକ୍ଷେପ ନ ନେବାରୁ ଆଜି ବି ଏହି ଜାତି ଅବହେଳିତ ହୋଇ ରହି ଯାଇଛନ୍ତି। ମୌଳିକ ସୁବିଧା ପାଇବା ନିମନ୍ତେ ଆଜି ବି ସେମାନଙ୍କୁ ସଂଘର୍ଷ କରିବାକୁ ପଡୁଛି। ଏଥିରେ ଅତିଷ୍ଠ ହୋଇ ବଗାଳ ସମ୍ପ୍ରଦାୟ ଲୋକେ ବୁଧବାର ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜେଏମଏମ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ସମୂହ ଭାବେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ବଗାଲ ସମ୍ପ୍ରଦାୟର ବିଜୟ କୁମାର ରାଉତ,ବାଇସାନ କୁମାର ରାଉତ, ଦୁର୍ଯ୍ୟଧନ ରାଉତ, କମଳଲତା ରାଉତ, ସୋମବାରୀ ରାଉତ, ବୁଧିନି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଦାବି ପତ୍ର ଦେବାକୁ ଆସିଥିବା ବଗାଳ ସମ୍ପ୍ରଦାୟର ପ୍ରତିନିଧିମାନେ।

- ସରକାରୀ ସୁବିଧାରୁ ବଞ୍ଚିତ ବଗାଳ ସମ୍ପ୍ରଦାୟ
- ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ହେଉନି କାର୍ଯ୍ୟକାରୀ
- ଦାବି ପୂରଣ ନ ହେଲେ ଭୋଟ ବର୍ଜନ

## ସଂକ୍ଷେପରେ

### ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

**ଯୋଡ଼ା, ୨୬।୯(ଡି.ଏନ.ଏ.):** ବାମେବାରୀ ଥାନା ଜୁରୁଡିରେ ରହୁଥିବା ଜଣେ ବୃଦ୍ଧଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଜୁରୁଡି ଅଞ୍ଚଳର କ୍ଷେତ୍ରମୋହନ ମହାରଣା ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ବୁଧବାର ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ପୁତୁରା ବିରେନ୍ଦ୍ର ବିଶ୍ୱକର୍ମା ଯୋଡା ଡାକ୍ତରଖାନାକୁ ନେଉଥିବା ବେଳେ ରାସ୍ତାରେ କ୍ଷେତ୍ରମୋହନଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବିରେନ୍ଦ୍ର ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୮) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବା ସୂଚନା ଦେଇଛନ୍ତି।

### ଖାଦାନରେ ବୁଡ଼ି ଶିଶୁଙ୍କ ମୃତ୍ୟୁ

**ହାଟଡିହୀ, ୨୬।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ସୋସୋ ଥାନା ସଢା ସୁନ୍ଦରାପାଲ ଖାଦାନରେ ବୁଡି ଜଣେ ୫ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରାପାଲ ଗ୍ରାମର ରାଉତ ସିଙ୍କୁଙ୍କ ପୁଅ ଓମ। ସେ ଖେଳୁଥିବା ସମୟରେ ଖାଦାନରେ ଥିବା ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରିଥିଲେ ସୁଦ୍ଧା ଓମଙ୍କ ମୃତ୍ୟୁ ଘଟିଥିଲା। ସୋସୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଢେଙ୍କିକୋଟ, ୨୬।୯(ଡି.ଏନ.ଏ.):** ଘଟଗାଁ ବ୍ଲକ ପିପିଳିଆ ପଞ୍ଚାୟତ ପିପିଳିଆଠାରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ପିପିଳିଆ-ପାଟଣା ପ୍ରଧାନମନ୍ତ୍ରୀ ସଡ଼କରେ ପିପିଳିଆ ଗ୍ରାମର ଭିକାରୀ ଚରଣ ବେହେରାଙ୍କ ପୁଅ ମୁକେଶ(୩୫) ନିଜ ଘରକୁ ଫେରୁଥିଲେ। ତାଙ୍କ ପଛପଟୁ ଏକ ଗାଡ଼ି ଆସି ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ମୁକେଶଙ୍କୁ ତୁରନ୍ତ କେନ୍ଦୁଝର ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ସାହୁ, କନଷ୍ଟେବଲ ସୁଶିଲ କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଗାଁ ଥାନାରେ ଏକ ମାମଲା ନଂ(୧୫୪/୧୮) ରୁଜୁ ହୋଇଛି। ଖୁବଶୀଘ୍ର ଦୁର୍ଘଟଣା ଘଟାଇଥିବା ଗାଡ଼ି ଧରାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ୮ ଛେଳି ମୃତ

**ତେଲକୋଇ, ୨୬।୯(ଡି.ଏନ.ଏ.):** ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ଅଧୀନ ପଙ୍ଗା ଗ୍ରାମରେ ବଜ୍ରପାତ ଘଟି ୮ ଛେଳିର ମୃତ୍ୟୁ ଘଟିଛି। ଏଥିରେ ଛେଳି ଜଗୁଆଳି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ଅପରାହ୍ଣରେ ଗ୍ରାମର ମୁରଲୀ ମହାକୁଡ(୪୫) ନିକଟସ୍ଥ ପୋଖରୀ ହୁଡାରେ ଛେଳି ଚରାଉଥିଲେ। ସେହି ସମୟରେ ହଠାତ ବିଜୁଳି ମାରିବା ସହ ବଜ୍ରପାତ ହୋଇଥିଲା। ମୁରଲୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ୮ ଫୁଟର ଅଜଗର ଉଦ୍ଧାର



**ହାଟଡିହୀ, ୨୬।୯(ଡି.ଏନ.ଏ.):** ହାଟଡିହୀ ବ୍ଲକ ସମଣା ପଞ୍ଚାୟତ ତିରିଙ୍ଗା ଗ୍ରାମ ନିକଟରେ ଯାଇଥିବା ବୈତରଣୀରୁ ଏକ ଅଠ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ସକାଳ ସମୟରେ ଅଜଗରକୁ ଦେଖି ଗ୍ରାମର ଯୁବ ଖବରଦାତା ନିଳମଣି ବାରିକ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଥିବା ଜଣାପଡ଼ିଛି।

# ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

**କେନ୍ଦୁଝର/ ରାଇସୁଆଁ, ୨୬।୯ (ସ୍ୱ.ପ୍ର./ ଡି.ଏନ.ଏ.)**



ଜଙ୍ଗଲରେ ପଡ଼ିଥିବା ପାଲୁଙ୍କ ମୃତଦେହ।

**ଗୋବର୍ଦ୍ଧନ ପଞ୍ଚାୟତ**
- ଅଧାରେ ରହିଲା ନୂଆଖିଆ
- ଗ୍ରାମରେ ଉତ୍ତେଜନା ପରିସ୍ଥିତି
- ଭୟ, ଆତଙ୍କରେ ଲୋକେ

ନୂଆଖାଇବା ପାଇଁ ବୁଧବାର ସକାଳେ ଗ୍ରାମ ପାଖ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ଜଣେ ବୃଦ୍ଧାକୁ ଦନ୍ତାହାତୀ କଚାଡ଼ି ମାରିଦେବା ଭଳି ଅଭାବନୀୟ ଘଟଣା ଘଟିଛି। ଏ ନେଇ ସଦର ବ୍ଲକ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ମୃତ ବୃଦ୍ଧାଙ୍କ ନାମ ପାଲୁ ନାଏକ। ତାଙ୍କ ସାନ ବୋହୂ ମୀନା ନାଏକଙ୍କ କହିବା ଅନୁଯାୟୀ, ଉଭୟ ଶୌଚ ପାଇଁ ସକାଳ ୫ ଟାରେ ଜଙ୍ଗଲକୁ ଯାଇଥିଲେ। ଘର ଧୁଆଧୋଇ କରିବା ପାଇଁ ବୋହୂକୁ ଘରକୁ ପାଲୁ ପଠାଇଦେଇଥିଲେ। ପରେ ପାଲୁ ନୂଆଖାଇ ପୂଜା ପାଇଁ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ। କିଛି ସମୟ ପରେ ଘରକୁ ଖବର ଆସିଲା ପାଲୁଙ୍କୁ ହାତୀ ମାରି ଦେଇଛି। ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦେଇଥିଲେ।

ଗୋଠ ଛଡା ଦନ୍ତା ହାତୀ ବେଲପଶି ଗ୍ରାମ ଆଡୁ ଆସିଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ ବିଭାଗ କର୍ମଚାରୀ ମୃତକଙ୍କ ଶୁଦ୍ଧିକ୍ରିୟା ପାଇଁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାବେଳେ ବ୍ୟାପକ ଘର ଭଙ୍ଗା ସହ ଫସଲ ହାନି ଯୋଗୁ ଲୋକେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଖାଦ୍ୟାଭାବରୁ ହାତୀ ପଲ ଗ୍ରାମାଭିମୁଖୀ ହେଉଥିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଉଛି। ଧନ ଜୀବନର ସୁରକ୍ଷା କରିବା ସହ ହେଉଥିବା ପ୍ରକୃତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

# ଲୁଟ୍ ଟ୍ରକ୍ ଜବତ, ୨ ଗିରଫ



ଗିରଫ ହୋଇଥିବା ୨ ଯୁବକ।

**ଯୋଡ଼ା, ୨୬।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ସ୍ଥିତ ପେଟ୍ରୋଲ ପମ୍ପ ନିକଟରୁ ଲୁଟ୍ ହୋଇଥିବା ଏକ ୧୨ ଚକିଆ ଟ୍ରକ୍‌କୁ ଝାଡଖଣ୍ଡ ରାଜ୍ୟରୁ ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଦେଓଗାଁ ଗ୍ରାମର ସରୋଜ ମହାନ୍ତ ଓ ଯାଜପୁର ଜିଲା ଧର୍ମଶାଳା ଥାନା ହରିଦାସପୁର ଗ୍ରାମର ସୁରେଶ ଦାସ।

ଗତ ୧୯ ବିଳମ୍ବିତ ରାତିରେ ଉକ୍ତ ପେଟ୍ରୋଲ ପମ୍ପ ନିକଟରୁ ଟ୍ରକ୍ (ନଂ.ସିଜି ୦୪-୬୮୦୭) ଠିଆ ହୋଇଥିଲା। ଏକ ବୋଲେରୋରେ ୪ ଜଣ ଦୁର୍ବୃତ୍ତ ଆସି ଡ୍ରାଇଭର ଓ ହେଲପରଙ୍କୁ ମାଡମାରି ଟ୍ରକ୍ ଲୁଟି ନେଇଥିଲେ। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ୍ ଝାରଖଣ୍ଡ ଅଞ୍ଚଳରେ ଚଢାଉ କରିଥିଲା ବୋଲି ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ କହିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚମ୍ପୁଆକୁ ବାହ୍ୟ ମଳମୁକ୍ତ ସହର ଘୋଷଣା

**ଚମ୍ପୁଆ, ୨୬।୯(ଡି.ଏନ.ଏ)**

ଚମ୍ପୁଆକୁ ବାହ୍ୟ ମଳମୁକ୍ତ ସହର ଘୋଷଣା କରାଯାଇଛି। ଚମ୍ପୁଆ ଶିବ ଜାଗର ପଡିଆଠାରେ ଏକ ସାଧାରଣ ସଭାରେ ଏହା ଘୋଷଣା କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ସହରାଞ୍ଚଳ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ (କେନ୍ଦୁଝର) ଘାସିନାଥ ମୁର୍ମୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂପୁର ଚାନ୍ଦଗୋଟିଆ, ତହସିଲଦାର ଆଲୋକ ପଟେଲ, ସ୍ଥାନୀୟ ଏନ୍‌ଏସି ଅଧକ୍ଷା ଗୀତାରାଣୀ ନାଏକ, ଉପାଧକ୍ଷ ମାନସ ରଞ୍ଜନ ପଶାୟତ ଉପସ୍ଥିତ ଥିଲେ। ସଭାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ବିଜୁ ଯୁବ ବାହିନୀ, ଓଡ଼ିଶା ଜନସେବା ସଙ୍ଗଠନ ଏବଂ ସ୍ଥାନୀୟ ଜନସାଧାରଣ ଆଦି ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପାଇଖାନା ନିର୍ମାଣ କରି ଖୋଲା ଶୌଚ ପରିହାର କରିବାକୁ ପରାମର୍ଶ ଦେଇଥିଲେ।

ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଅନୁଦାନରୁ ମାତ୍ର ୨୫ରୁ ୩୦ ଶତକଡା ପାଇଖାନା ଲୋକେ ନିର୍ମାଣ କରିଛନ୍ତି। ବାକି ୭୦ରୁ ୭୫ ଭାଗ ଲୋକଙ୍କର ଘରେ ପାଇଖାନା ନାହିଁ। ବାହ୍ୟ ମଳମୁକ୍ତ ଘୋଷଣା କେତେଦୂର ଫଳପ୍ରଦ ତାହା ସହଜେ ଅନୁମେୟ। ଏତଦ୍‌ବ୍ୟତୀତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ପାଇଖାନା ଯଥା ଥାନା ନିକଟ, ବସଷ୍ଟାଣ୍ଡ ପାଇଖାନା, ଜଗନ୍ନାଥ ମନ୍ଦିର ନିକଟରେ ଥିବା ପାଇଖାନାଗୁଡିକ ବର୍ଷେ ହେବ ତାଲା ପଡିଛି। ଏ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ ବନ୍ଦଥିବା ପାଇଖାନାଗୁଡିକୁ ଖୋଲି ଦିଆଯିବ। ଜନସାଧାରଣ ସହଯୋଗ କଲେ ସହରକୁ ସ୍ୱଚ୍ଛ ରଖାଯାଇ ପାରିବ ବୋଲି ସେ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ସଭାକୁ ପରିଚାଳନା କରିଥିଲେ।

# ପାଣିରେ ବୁଡ଼ି ଶିଶୁଙ୍କ ଜୀବନ ଗଲା

**ଆନନ୍ଦପୁର, ୨୬।୯(ସ୍ୱ.ପ୍ର.)**

ଆନନ୍ଦପୁର ଥାନା ଆନନ୍ଦପୁର ପୌରପରିଷଦ ୭ନଂ ୱାର୍ଡରେ ଥିବା ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ନିକଟ ଏକ ଅବ୍ୟବହୃତ ଗାଡ଼ିଆରେ ବୁଡି ଜଣେ ୨ ବର୍ଷର ଶିଶୁଙ୍କ ଜୀବନ ଚାଲିଯାଇଛି। ମାନସ ସେଠୀଙ୍କ ୨ବର୍ଷର ପୁଅ ରାଜେନ୍ଦ୍ର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ନିକଟରେ ଖେଳୁଥିବା ସମୟରେ ଏକ ଗାଡ଼ିଆରେ ପଡିଯାଇଥିଲେ। ଶିଶୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣିରେ ବୁଡି ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ପରିବାର ଲୋକେ ବହୁ ଖୋଜାଖୋଜି କରି ଗାଡିଆରୁ ଶିଶୁକୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଜ୍ରପାତ ନେଲା ମହିଳାଙ୍କ ଜୀବନ

**ପାଟଣା, ୨୬।୯(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡ଼ା ବ୍ଲକ ଖଡ଼ିକା ପଦା ପଞ୍ଚାୟତ ଖଡ଼ିକାପଦା ମୁଣ୍ଡା ସାହିର ଜଣେ ମହିଳାଙ୍କ ବୁଧବାର ଅପରାହ୍ଣରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କେଶବ ମୁଣ୍ଡାଙ୍କ ସ୍ତ୍ରୀ ଜନକ। ଜନକ ବୁଧବାର ଗ୍ରାମର ମାଧୁରୀ ମୁଣ୍ଡାଙ୍କ ସହ ଗାଁ ନିକଟ ବିଲକୁ ଧାନ ବାଛିବାକୁ ଯାଇଥିଲେ। ସେହି ସମୟରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସାଙ୍ଗରେ ବିଲ ବାଛିବାକୁ ଯାଇଥିବା ମାଧୁରି ଆହତ ହୋଇଛନ୍ତି।

ଉଭୟଙ୍କୁ ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ରନାଥ ମାଝୀଙ୍କ ସହାୟତାରେ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ସାହାରପଡ଼ା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୮) ରୁଜୁ ହୋଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପାଟଣା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

# ମନ୍ତ୍ରୀ ପୁଅଙ୍କ ଜାମିନ ଆବେଦନ ଖାରଜ

**ଆନନ୍ଦପୁର, ୨୬।୯(ସ୍ୱ.ପ୍ର.)**



ଗ୍ରାମ୍ୟ ନ୍ୟାୟାଳୟ ସମ୍ମୁଖରେ ପୋଲିସ ସହ ଅନ୍ୟମାନେ।

ବିଜ୍ଞାନ କାରିଗରି ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ଜାମିନ ଆବେଦନ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟରେ ଖାରଜ ହୋଇଯାଇଛି। ଘସିପୁରା ଓ ରାମଚନ୍ଦ୍ରପୁର ଥାନାରେ ରୁଜୁ ହୋଇଥିବା ମାମଲାରେ କେନ୍ଦୁଝର ବିଚାର ବିଭାଗୀୟ ହାଜତରେ ଥିବା ଦେବାଶିଷଙ୍କୁ ଘସିପୁରା ପୋଲିସ ବୁଧବାର ରିମାଣ୍ଡରେ ଆଣିଥିଲା। ଆନନ୍ଦପୁର ପୌର ଉପାଧ୍ୟକ୍ଷଙ୍କୁ ଆକ୍ରମଣ, ପଦନା ଛକରେ ପୋଲିସ ଉପରେ ଆକ୍ରମଣ ଅଭିଯୋଗରେ ଦେବାଶିଷଙ୍କୁ ପୋଲିସ ଗିରଫ କରିଥିଲା। କଡ଼ା ସୁରକ୍ଷା ବଳୟରେ ଦେବାଶିଷଙ୍କୁ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଯାଇଥିଲା। ଓକିଲମାନଙ୍କ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାରୁ ଦେବାଶିଷ ନିଜ କେସ ନିଜେ ଲଢିଥିଲେ।

ତାଙ୍କ ବିରୋଧରେ ୩୦୭ ଭଳି ସଂଗୀନ ଦଫା ଲାଗିଛି। ଘସିପୁରା ନ୍ୟାୟାଧୀଶ ୨ଟି ମାମଲାର ବିଚାର କରି ଦେବାଶିଷଙ୍କ ଜାମିନ ଆବେଦନକୁ ଖାରଜ କରିଥିବା ସୂଚନା ମିଳିଛି। ଏ ନେଇ ଆନନ୍ଦପୁର ଏସଡିପିଓ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ଦେବାଶିଷଙ୍କୁ ରିମାଣ୍ଡରେ ଅଣାଯାଇ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଯାଇଥିଲା। ସେଠାରେ ବେଲ୍ ନାକଚ ହେବା ପରେ ତାଙ୍କୁ ଆନନ୍ଦପୁର ଜେଲରେ ହାଜର କରାଯାଇ କେନ୍ଦୁଝର ବିଚାରବିଭାଗୀୟ ଜେଲକୁ ପଠାଯାଇଛି। ଅନ୍ୟପଟେ ଦେବାଶିଷ ଗଣମାଧ୍ୟମକୁ କହିଛନ୍ତି ଯେ, ରାମଚନ୍ଦ୍ରପୁର ଥାନାରେ ରୁଜୁ ହୋଇଥିବା ମାମଲାରେ କୌଣସି ସମ୍ପୃକ୍ତି ନାହିଁ। ଭାଜପା ସଭାପତିଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ବିଧିବଦ୍ଧ ତଦନ୍ତ ନ କରି ଘସିପୁରା ଥାନାରେ ଏକ ମାମଲା ରୁଜୁ କରି ପୌରାଧ୍ୟକ୍ଷଙ୍କ ପାଲଟା ଅଭିଯୋଗରେ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିବା ଅତ୍ୟନ୍ତ ଦୁଃଖଦାୟକ। ଗ୍ରାମ୍ୟ ନ୍ୟାୟାଳୟରେ ଦେବାଶିଷ ହାଜର ହେବା ସମୟରେ ବାହାରେ ତାଙ୍କର ବହୁ ସଂଖ୍ୟାରେ ସମର୍ଥକ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଗ୍ରହଣ କରାଯାଇଥିଲା।

# କୁଡୁମି ସେନାର ଗାଁ କେ ଚଲୋ ମହାସଭା

**ଚମ୍ପୁଆ, ୨୬।୯(ଡି.ଏନ.ଏ)**

ମହାନ୍ତ 'କୁଡୁମି' ସେନା ପକ୍ଷରୁ ଗାଁ କେ ଚଲୋ ମହାସଭା ଚମ୍ପୁଆ ବ୍ଲକ ପଡୁଆଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ଜୟମୁନୀ ମହାନ୍ତ, ସମ୍ମାନିତ ଅତିଥି ଦିବ୍ୟସିଂ ମହାନ୍ତ, ମୟୂରଭଞ୍ଜ ଜିଲା ମହିଳା ମର୍ଚ୍ଚା ସଭାପତି ସବିତା ମହାନ୍ତ, ଉମ୍ବରୁଧର ମହାନ୍ତ, ଲମ୍ବୋଦର ମହାନ୍ତ, ଜିଲା ସଭାପତି ଦୁର୍ଗାଚରଣ ମହାନ୍ତ, ଛାତ୍ର ନେତା ହିମାଂଶୁ ଶେଖର ମହାନ୍ତ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

ଷଣ୍ଢମାର୍କା ପତାକା ଧରି ଓ କରମ ରାଜା, ଟୁସୁ ମୁନୀ ଧ୍ୱନି ଦେଇ ସେନା ପକ୍ଷରୁ ଗ୍ରାମ ପରିକ୍ରମା କରାଯାଇଥିଲା। ୧୯୫୦ରେ ସରକାର କୁଡୁମି ଜାତିକୁ ଏସ୍‌ଟି ବର୍ଗରୁ ବାଦ ଦେବାରୁ ସମ୍ପ୍ରଦାୟର ଲୋକଙ୍କ ଆର୍ଥିକ, ଶିକ୍ଷା ଓ ବିଭିନ୍ନ ମୌଳିକ ସମସ୍ୟା ଉପରେ ପ୍ରଭାବ ପଡିଛି। ଫଳରେ ବେକାରି ସମସ୍ୟା ବଢିବାରେ ଲାଗିଛି। କୁଡୁମି ସମ୍ପ୍ରଦାୟକୁ ଏସ୍‌ଟି ମାନ୍ୟତା ଦେବାକୁ ମହାସଭାରେ ଦାବି କରାଯାଇଥିଲା। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା।

# ରାସ୍ତାରେ ପକା ଯାଉଛି ଖଣିଜ ପଦାର୍ଥ



ରାସ୍ତାରେ ପଡ଼ିଥିବା ଖଣିଜ ପଦାର୍ଥ।

**ଯୋଡ଼ା, ୨୬।୯(ଡି.ଏନ.ଏ.)**

ନିର୍ମାଣାଧୀନ ୨ ନମ୍ବର ରାଜ୍ୟ ରାଜପଥ ଯୋଡା ସହରାଞ୍ଚଳ ଦେଇଯାଇଥିବା ଯୋଡ଼ା-ଜୁରୁଡି ରାସ୍ତାର ଉନ୍ନତୀକରଣ କାର୍ଯ୍ୟରେ ଖଣିଜ ପଦାର୍ଥ ବ୍ୟବହାର ହେଉଥିବା ସ୍ଥାନୀୟ ବିଜୁ ଜନତା ଦଳର ଯୁବ ସଭାପତି ମାନସ ଦାସ ଅଭିଯୋଗ କରିଛନ୍ତି। ଏକ ଠିକା ସଂସ୍ଥା ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରୁଛି। ରାସ୍ତାରେ ଆବଶ୍ୟକୀୟ ପରିମାଣର ମେଟାଲ, ପଥର ବ୍ୟବହାର ନ କରି ବିଭିନ୍ନ ଖଣି ଅଞ୍ଚଳରୁ ବିଏଚ୍‌କ୍ୟୁ (ବ୍ୟାନ୍ ଡେଡ୍ ହେମାଟାଇଟ୍ କ୍ୱାଟର) ଖଣିଜକୁ ପକାଇ ରାସ୍ତା ନିର୍ମାଣ ହେଉଛି ବୋଲି ଦାସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏ ନେଇ ତଦନ୍ତ ପାଇଁ ଖଣି ନିରୀକ୍ଷକଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତାରେ ପଡୁଥିବା ବିଏଚକ୍ୟୁ ଖଣିଜ କେଉଁଠାରୁ ଠିକା ସଂସ୍ଥା ଆଣୁଛି ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଅଫିସ୍ ଗ୍ରୀଲ ଭାଙ୍ଗିବା ଅଭିଯୋଗରେ ଦୁଇ ଗିରଫ

**ହାଟଡିହୀ, ୨୬।୯(ଡି.ଏନ.ଏ.)**

କନ୍ଦୁେଝର ଜିଲା ହାଟଡିହୀ ବ୍ଲକ ପରିସରରେ ଗତ ସୋମବାର ବିଳମ୍ବିତ ରାତିରେ ୨ ଜଣ ବ୍ୟକ୍ତି ପ୍ରବେଶ କରିଥିଲେ। ମାର୍ତୁଲ ସାହାଯ୍ୟରେ ଅଫିସ ଗ୍ରୀଲକୁ ଭାଙ୍ଗୁ ଥିଲେ। ରାତ୍ରୀ ଜଗୁଆଳି ଚାନ୍ଦୁ ସେଠୀ ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଲୋକେ ବ୍ଲକ ପରିସରରେ ପହଞ୍ଚି ଗ୍ରୀଲକୁ ପିଟୁଥିବା ବ୍ୟକ୍ତି ଦୁଇ ଜଣଙ୍କୁ ଧରିଥିଲେ। ପରେ ନନ୍ଦିପଦା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଉଭୟଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିଲା। ଉଭୟଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ବୃଦ୍ଧଙ୍କୁ ସାହା ହେଲେ ଯୋଗେଶ୍ୱର

**କେନ୍ଦୁଝର, ୨୬।୯(ସ୍ୱ.ପ୍ର.)**



ଘର ବାରଣ୍ଡାରେ ଅପରିଚିତ ବୃଦ୍ଧ।

ସୁଦୂର ଉତ୍ତରପ୍ରଦେଶରୁ ବାଟବଣା ହୋଇ ଚାଲି ଆସିଥିବା ଜଣେ ବୃଦ୍ଧଙ୍କୁ ଦୀର୍ଘ ୧୦ ଦିନ ହେଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଗ୍ରାମରେ ଜଣେ ସହଦହୃଦୟ ବ୍ୟକ୍ତି ଆଶ୍ରୀତ ରଖିଛନ୍ତି। ଉକ୍ତ ବ୍ୟକ୍ତି ହିନ୍ଦୀ ଭାଷାରେ ତାଙ୍କ ଘର ନାମ ଓ ଠିକଣା କହି ପରୁଥିବାରୁ ପ୍ରଶାସନ ସହାୟତା କରି ତାଙ୍କ ଘରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ତାଙ୍କ ନାମ କାନ୍ତା ପ୍ରସାଦ, ବୟସ ପାଖାପାଖି ୬୫। ଘର ଉତ୍ତରପ୍ରଦେଶ ଭଦାଇ ଜିଲା ଜ୍ଞାନପୁର ତହସିଲ ଭରତପୁର ଗ୍ରାମ ବନାରସ ନିକଟରେ ବୋଲି ସେ କହୁଛନ୍ତି। ଖିରେଇଟାଙ୍ଗିରି ଗ୍ରାମରେ ଏକ ଘର ବାରଣ୍ଡାରେ ରହୁଛନ୍ତି।

ଗତ ୧୬ରେ ବ୍ୟକ୍ତି ଜଣଙ୍କ ଖିରେଇଟାଙ୍ଗିରି ବସ୍‌ଷ୍ଟାଣ୍ଡରେ କୌଣସି ଏକ ଗାଡିରୁ ଓହ୍ଲାଇଥିଲେ। ରାସ୍ତା କଡରେ ଏକୁଟିଆ ନିରାଶ୍ରୟ ହୋଇ ବସିଥିବା ଦେଖି ଯୋଗେଶ୍ୱର ମହାନ୍ତ ନାମ ଜଣେ ବ୍ୟକ୍ତି ସହାୟତାର ହାତ ବଢାଇଥିଲେ। ଯୋଗେଶ୍ୱରଙ୍କ ଘର ସଦର ବ୍ଲକ କେଞ୍ଚାରୀ ଗ୍ରାମରେ। କିନ୍ତୁ ଖିରେଇଟାଙ୍ଗିରିରେ ସେ ରହୁଛନ୍ତି। ଅସହାୟ ଅବସ୍ଥାରେ ବୃଦ୍ଧ ଜଣଙ୍କ ଭୋକିଲା ପଡିରହିଥିଲେ। ତାଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ ଯୋଗେଶ୍ୱର। ଏ ନେଇ ତୁରୁମୁଙ୍ଗା ପୋଲିସକୁ ସୂଚନା ଦିଆଯାଇଛି। ତାଙ୍କ ଘରକୁ ପଠାଇବାର

■ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

# ଅନିୟମିତତାକୁ ନେଇ ହୋହଲ୍ଲା

**ଝୁମ୍ପୁରା, ୨୬।୯ ଡି.ଏନ.ଏ.)**



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀବୃନ୍ଦ।

**ଶ୍ରମିକଙ୍କୁ ମିଳିନି ମଜୁରି**
- ଏମ୍‌ଜିଏନ୍‌ଆରଇଜିଏସରେ ଦୁର୍ନୀତି
- ତାତିଲେ ପଞ୍ଚାୟତ ପ୍ରତିନିଧି

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ବୁଧବାର ହୋହଲ୍ଲାରେ ଶେଷ ହୋଇଛି। ବିଡିଓ ଜୟଶ୍ରୀ ବେଉରାଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲାପାଳ ଭକ୍ତ ଚରଣ ପ୍ରଧାନ, ବ୍ଲକ ଅଧକ୍ଷ ସୁଶାନ୍ତ ନାଏକ, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୮ନଂ ଜିଲା ପରିଷଦ ସଦସ୍ୟ ବିଜୟ ଲକ୍ଷ୍ମୀ ମହାନ୍ତ, ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ ସାମଲଙ୍କ ସହ ବ୍ଲକସ୍ତରୀୟ କର୍ମଚାରୀ, ୨୨ଟି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଏବଂ କେତେ ଜଣ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କରେ ବିଡିଓଙ୍କ ସୂଚନା ଦେବା ପରେ ଉକ୍ତ କାମରେ ଅନିୟମିତତା ହୋଇଥିବା ଅଭିଯୋଗ କରି କେତେକ ପଞ୍ଚାୟତ ପ୍ରତିନିଧି ହୋହଲ୍ଲା କରିଥିଲେ। ବୈଠକରେ ହାତ ଗଣତି କେତେ ଜଣ ଜବ କାର୍ଡଧାରୀ ଉପସ୍ଥିତ ରହିଥିଲେ। ଝୁମ୍ପୁରା ସମେତ ଖେଣ୍ଡରା ପଞ୍ଚାୟତରେ ୬ ମାସ ଭିତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ଗୋଟିଏ ହେଲେ ପ୍ରକଳ୍ପ କାମ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ହୋଇଥିବା କାମ ସମ୍ପର୍କରେ ପଞ୍ଚାୟତ ଅଧିକାରୀମାନେ ତଥ୍ୟ ଦେଇ ପାରି ନ ଥିଲେ। ଏଥିରୁ ପ୍ରକଳ୍ପ ଗୁଡିକରେ ହେଉଥିବା ଦୁର୍ନୀତି କଥା ସ୍ପଷ୍ଟ ବାରି ହୋଇପଡିଥିଲା। ଝୁମ୍ପୁରା ବ୍ଲକ ବଡନଉଳି ପଞ୍ଚାୟତରେ ଅର୍ଜୁନ ଗଛ ଚାରା ରୋପଣ ନେଇ ସମୀକ୍ଷା ବୈଠକରେ ଜିଲା ପରିଷଦ ସଦସ୍ୟ ହୋହଲ୍ଲା କରିଥିଲେ। ଅଭିଯୋଗର ଗୁରୁତ୍ୱ ଦେଖି ଅତିରିକ୍ତ ଜିଲାପାଳ ଅର୍ଜୁନ ଗଛ ଚାରାରୋପଣର ଦାୟିତ୍ୱ ନେଇଥିବା ସେରିକଲଚର ଅଧିକାରୀ, ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ତଲବ କରିଥିଲେ। ଅନ୍ୟ ପ୍ରକଳ୍ପ ଗୁଡିକର ଅଭିଯୋଗ ନେଇ ମଧ୍ୟ ଅତିରିକ୍ତ ଜିଲାପାଳ ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### 'ସଫଳତା ପାଇଁ ଏକତା ଆବଶ୍ୟକ'

**ତିହିଡ଼ି,୨୬।୯(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ରାଜନଗର ପଞ୍ଚାୟତ ଗୁରୁଦାସପୁରଠାରେ ବୁଧବାର ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ଗଦି ବଜାରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ଜୋନ୍ ସଭାପତି ସୁଦର୍ଶନ ବିଶ୍ୱାଳଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟାନନ୍ଦ ରାଉତ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ମନୋଜ ବିଶ୍ୱାଳ, ଓବିସି ସେଲ୍ ଆବାହକ ଅଭିଷେକ ରାଉତ, ଜିଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି, ବ୍ଲକ ସଭାପତି ସରୋଜ ଦାସ, ଚାନ୍ଦବାଲି ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନୁର୍ ମହମ୍ମଦ ଇସ୍ମାଇଲ, ଚାନ୍ଦବାଲି ବ୍ଲକ ଯୁବ ଯଭାପତି ମାନସ ବାରିକ, ବିଜୟ ଧଳ, ସୁଦର୍ଶନ ବିଶ୍ୱାଳ, ସ୍ମୃତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାଜପା ଓ ବିଜେଡି ପ୍ରତି ଲୋକେ ବିମୁଖ ହୋଇ ପଡ଼ିଲେଣି। ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ଆଶା ସଞ୍ଚାର କରିଛି ବୋଲି କୁହାଯାଇଥିଲା। ଏକତାବଦ୍ଧ ହୋଇ ରହିଲେ ଆଗାମୀ ବିଧାନସଭା ନିର୍ବାଚନରେ ସଫଳତା ମିଳିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାଳନ୍ଦୀ ପାଣ୍ଡବ, ଚୈତନ୍ୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କୁଷ୍ଠ ସମ୍ପର୍କିତ କର୍ମଶାଳା

**ଭଦ୍ରକ ଅଫିସ, ୨୬।୯:** ଭଦ୍ରକ ଜିଲା ସାବରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କୁଷ୍ଠ ରୋଗ ଚିହ୍ନଟ ଓ ନିରାକରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୁଷ ଡାକ୍ତର ହିତେଶ କୁମାର ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶିକା, ପରିଦର୍ଶକଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ରହି ଗୁରୁବାରଠାରୁ ଆରମ୍ଭ ହେଉଥିବା କୁଷ୍ଠରୋଗ ଚିହ୍ନଟ ଓ ନିରାକରଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ୭ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଆଶାକର୍ମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

### ବାଲିପୋଖରୀ ମୁରଲୀ ହତ୍ୟାକାଣ୍ଡ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ବନ୍ତ,୨୬।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ବାଲିପୋଖରୀ ବଜାରରେ ଘଟିଥିବା ମୁରଲୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଓ ଆଗରପଡ଼ା ଛାତ୍ର ଯୁବ ସଂଘର୍ଷ ସମିତି ପକ୍ଷରୁ ଥାନା ଆଗରେ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଏଏସ୍ଆଇଙ୍କୁ ନିଲମ୍ବନ କରିବା, ମୃତ ମୁରଲୀଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘର୍ଷ ସମିତିର କର୍ମକର୍ତ୍ତା ଥାନାଧିକାରୀ ମାନସ କୁମାର ଦେଓଙ୍କୁ ପ୍ରଦାନ କରିଥିଲେ।

ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସମିତି କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ଆଗରପଡ଼ା ବଜାର ପରିକ୍ରମା କରି ଥାନା ନିକଟରେ ପହଞ୍ଚିଥିଲେ। ସମିତିର ରବୀନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସେଠାରେ ପ୍ରତିବାଦ ସଭା ହୋଇଥିଲା। ସିପିଏମ୍ ଜିଲା ସମ୍ପାଦକ ଚନ୍ଦ୍ରଶେଖର ନାୟକ, ଶ୍ରମିକନେତା ତଥା ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାସ ମହାପାତ୍ର, ପ୍ରତାପ ସେଠୀ, ଦିଲୀପ ନାୟକ, ରୋଜାଲିନ ସାମ୍ୟବାଦୀ, ଶ୍ରୀରାମ ସ୍ୱରୂପ ମହାପାତ୍ର, ସ୍ଥିତପ୍ରଜ୍ଞ ବେହେରା, ବସନ୍ତ ପାଣିଗ୍ରାହୀ, ଗୁଡ୍ଡୁ ସିଂହ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଆଗରପଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ନିଶା କାରବାର, ଚୋରି ଓ ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ପୋଲିସ ଏହାକୁ ରୋକିବା କ୍ଷେତ୍ରରେ ବିଫଳ ହେଉଛି ବୋଲି କୁହାଯାଇଥିଲା। ମୁରଲୀ ହତ୍ୟାକାଣ୍ଡ ମାମଲାରେ ଏପର୍ଯ୍ୟନ୍ତ ମୋଟ ୭ ଜଣ ଗିରଫ ହୋଇସାରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରାଯାଇଛି। ଏପଟେ ଥାନା ଆଗରେ ପ୍ରତିବାଦ ସଭା ଚାଲିଥିବା ବେଳେ ଅନ୍ୟପଟେ ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିବା କହି କେତେଜଣ ପୁଷ୍ପଗୁଚ୍ଛ ଦେଇ ଥାନାଧିକାରୀ ଏବଂ ଏଏସ୍ଆଇଙ୍କୁ ଅଭିନନ୍ଦନ ଜଣାଇଥିଲେ।



ଆଗରପଡ଼ା ଥାନା ଆଗରେ ଲୋକେ ଧାରଣା ଦେଇଛନ୍ତି।

### ଡେଙ୍ଗୁରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

# ମେଡିକାଲରେ ୧୬ଘଣ୍ଟା ମୃତଦେହ ଅଟକ

**ରାଇରଙ୍ଗପୁର, ୨୬।୯ (ଡି.ଏନ୍.ଏ)**

ରାଇରଙ୍ଗପୁର ସହରାଞ୍ଚଳ ଥାନା ଅନ୍ତର୍ଗତ ୱାର୍ଡ ନଂ. ୭ ର ଜନୈକ ଯୁବକ ଅଭିଷେକ ଡଗରା ଡେଙ୍ଗୁ ରୋଗରେ ପୀଡିତ ହୋଇ ବାଙ୍ଗାଲୋରର ଏକ ଘରୋଇ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ସେଠାରେ ମଙ୍ଗଳବାର ରାତିରେ ତାଙ୍କ ମୃତ୍ୟୁ ହୋଇଛି। ହେଲେ ଚିକିତ୍ସା ଖର୍ଚ୍ଚ ବାବଦ ଅର୍ଥ ପଇଠ କରିବାରେ ଅଭିଷେକଙ୍କ ପରିବାର ଅସମର୍ଥ ହେବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଦୀର୍ଘ ୧୬ ଘଣ୍ଟା ମୃତଦେହ ଅଟକ ରଖିଥିବା ଜଣାଯାଇଛି। ଅସହାୟ ପରିବାର ଧାରକରଜ କରି ବୁଧବାର ମେଡିକାଲ ବିଲ୍ ଦେବା ପରେ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି।

ଅଭିଷେକ ବାଙ୍ଗାଲୋରଠାରେ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୧ ତାରିଖରେ ସେ ଡେଙ୍ଗୁରେ ପୀଡିତ ହୋଇ ସେଠାରେ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ମଙ୍ଗଳବାର ରାତିରେ ତାଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସା ବାବଦରେ ୧୦ଲକ୍ଷ ୪୦ହଜାର ଟଙ୍କା ଖର୍ଚ୍ଚ ବିଲ୍ ହୋଇଥିବା ତାଙ୍କ ପରିବାରବର୍ଗଙ୍କୁ କୁହାଯାଇଥିଲା। ମାତ୍ର ମୃତକଙ୍କ ପରିବାର ଗରୀବ ହୋଇଥିବାରୁ ଏତେ ଟଙ୍କା ଦେବାକୁ ଅସମର୍ଥ ବୋଲି କହିବା ପରେ ମେଡିକାଲ କର୍ତ୍ତୃପକ୍ଷ ଶବ ହସ୍ତାନ୍ତର କରି ନ ଥିଲେ। ପରେ ବୁଧବାର ୫ଲକ୍ଷ ଟଙ୍କା ଚିକିତ୍ସା ଖର୍ଚ୍ଚ ପଇଠ କରିବାପରେ ପୂର୍ବାହ୍ନ ପ୍ରାୟ ସାଢେ ୧୨ଟା ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି। ମୃତକଙ୍କ ଶବକୁ ଗାଁକୁ ଅଣାଯିବା ବ୍ୟବସ୍ଥା କରାଯାଉଥିବା ପରିବାର ପକ୍ଷରୁ କୁହାଯାଇଛି। ବିଲ ପଇଠ କରି ନ ପାରିଲେ ମଧ୍ୟ ଘରୋଇ ମେଡିକାଲ କର୍ତ୍ତୃପକ୍ଷ ମୃତଦେହ ଅଟକ ରଖି ପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କିଛି ଦିନ ପୂର୍ବେ ଘୋଷଣା କରିଥିଲେ। ଏହସତ୍ତ୍ୱେ ଅଭିଷେକଙ୍କ ପରି ଗରୀବ ଯୁବକଙ୍କ ମୃତଦେହ ଅଟକ ରଖିବା ଘଟଣା ପଦାକୁ ଆସିବା ପରେ ଏହି ଘୋଷଣାନାମାର କାର୍ଯ୍ୟକାରୀତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଟିପ୍ପର ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ ଅଫିସ,୨୬।୯**

ଭଦ୍ରକ ୧୦ ଚକିଆ ଟିପ୍ପର ମାଲିକ ସଂଘ ବୁଧବାର ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛି। ସଭାପତି ଶେଖ୍ ଶାକିର, ସମ୍ପାଦକ ଦେବରାଜ ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ଧାମରା ବନ୍ଦର ପକ୍ଷରୁ ବିଭିନ୍ନ ପରିବହନ କାର୍ଯ୍ୟରେ ସେମାନଙ୍କୁ ଅଣଦେଖା କରାଯାଉଥିବା ଲିଖିତ ଅଭିଯୋଗ କରିଛନ୍ତି। ସଂଘର ଗାଡ଼ିକୁ ପରିବହନ ପାଇଁ ବନ୍ଦର କର୍ତ୍ତୃପକ୍ଷ ଅନୁମତି ଦେବାକୁ ଦାବି କରାଯାଇଛି। ଜିଲାପାଳ ହସ୍ତକ୍ଷେପ କରିବା ସହ ବନ୍ଦର ପରିବହନ କାର୍ଯ୍ୟରେ ଭଦ୍ରକ ଟିପ୍ପର ମାଲିକ ସଂଘକୁ ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍ଫି କର୍ଣ୍ଣର


@ ସ୍ୱାଧୀନ


@ ବୈଜୟନ୍ତୀ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

### ଯୁବତୀ ଯୁବକ ନିଖୋଜ

#### ଦମକଳ ବାହିନୀ ନାକେଦମ

**ଧାମନଗର,୨୬।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳର ଦୁଇଟି ଗାଁର ଜଣେ ଯୁବତୀ ଏବଂ ଜଣେ ଯୁବକ ମଙ୍ଗଳବାର ରାତିରୁ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ବୈତରଣୀ ନଦୀପଠା ଉପରେ ଯୁବକଙ୍କ ଜୋତା ଏବଂ ଟର୍ଚ୍ଚ ଥୁଆ ହୋଇଥିବା ବୁଧବାର ସକାଳେ ଲୋକେ ଦେଖିଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ସେମାନେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଆସି ସେମାନେ ନଦୀରେ ବୁଡିଯାଇଥିବା ସନ୍ଦେହରେ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଧରି ସେମାନେ ପରିଶ୍ରମ କରି ନୟାନ୍ତ ହୋଇଥିଲେ ମଧ ଯୁବତୀ କିମ୍ବା ଯୁବକଙ୍କ ପତ୍ତା ମିଳି ନ ଥିଲା। ଖବର ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଅଗ୍ନିଶମ ବିଭାଗ ଏହି ଘଟଣା ନେଇ ରିପୋର୍ଟ କରିଥିବା କହିଛି।

### ହୋ ଭାଷାରେ ଶିକ୍ଷାଦାନ

**ଯୋଡ଼ା, ୨୬।୯(ଡି.ଏନ.ଏ.):** ଯୋଡ଼ା ପୌରପାଳିକା ଖୁଣ୍ଟପାଣି ପ୍ରାଥମିକ ବିଦ୍ୟାଳୟ ଏବଂ ଭୋଲବେଡା ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ଆଶିଷ ଠାକ୍‌ରେ ହୋ ଭାଷାର ଶିକ୍ଷାଦାନ ଲାଗି ଶୁଭାରମ୍ଭ କରିଛନ୍ତି। ଯେଉଁ ବିଦ୍ୟାଳୟ ଗୁଡିକରେ ହୋ ଭାଷା ଭାଷୀ ସମ୍ପ୍ରଦାୟର ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବେ ସେହି ବିଦ୍ୟାଳୟ ଗୁଡିକରେ ଉକ୍ତ ବ୍ୟବସ୍ଥା ଆରମ୍ଭ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ସର୍ବ ଶିକ୍ଷା ଅଭିଯାନ, ସମନ୍ୱିତ ଆଦିବାସୀ ଯୋଜନା ଓ ଓଡ଼ିଶା ଖଣି ନିଗମର ସହାୟତାରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସହିତ ଯୋଡା ବିଡିଓ ଅରୁଣ କୁମାର ମଲ୍ଲିକ, ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଙ୍ଗଯୋଶୀ, ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ, ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗା ପ୍ରଶନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯୋଡା ଓ ଝୁମ୍ପୁରା ବ୍ଲକର ୨୫ଟି ବିଦ୍ୟାଳୟରେ ହୋ ଭାଷା ଶିକ୍ଷାଦାନ ବ୍ୟବସ୍ଥାକୁ ସମ୍ପ୍ରସାରିତ କରାଯିବ ବୋଲି ସୂଚନା ମିଳିଛି।

# ଗ୍ରାମୀଣ ଡାକସେବକଙ୍କ ଧର୍ମଘଟ

**କେନ୍ଦୁଝର, ୨୬।୯(ସ୍ୱ.ପ୍ର.)**

କେନ୍ଦୁଝରଗଡ଼ ମୁଖ୍ୟ ଡାକଘରଠାରେ ଗ୍ରାମୀଣ ଡାକ ସେବକଙ୍କ ଏକଦିବସୀୟ ଧର୍ମଘଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମିଳିତ କ୍ରିୟାନୁଷ୍ଠାନ ସଂଘ ତରଫରୁ ଦିଆଯାଇଥିବା ୧୬ଦଫା ଦାବି ତୁରନ୍ତ ଲାଗୁ କରାଯିବା ନିମ୍ପତ୍ତି ଜିଲାର ଗ୍ରାମୀଣ ସେବକମାନେ କେନ୍ଦୁଝର ଡାକମଣ୍ଡଳ ଅଧୀକ୍ଷକ ଦେବୀପ୍ରସାଦ ନାୟକଙ୍କ ଜରିଆରେ ମୁଖ୍ୟ ଡାକପାଳ ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଶତାଧିକ ଗ୍ରାମୀଣ ଡାକ ସେବକ ଭାଗ ନେଇ ତାଙ୍କର ନ୍ୟାଯ୍ୟ ଦାବି ଆଗାମୀ ଦିନରେ ପୂରଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ।

ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର (ଦର୍ପଣ) ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ନିମନ୍ତେ ଗ୍ରାମୀଣ ଡାକ ସେବକଙ୍କ ଭୂମିକା ସର୍ବାଗ୍ରେ ରହିଥିଲେ ହେଁ ସେମାନଙ୍କର ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ କାଳକ୍ଷେପଣ ନୀତି ଆପଣେଇଥିବା ହେତୁ ଗ୍ରାମୀଣ ଡାକସେବକ ସଂଘର ବରିଷ୍ଠ କର୍ମକର୍ତ୍ତା ସଞ୍ଜୟ କୁମାର ପଣ୍ଡା, ପରମାନନ୍ଦ ଦାଶ, ମହେଶ୍ୱର ମହାନ୍ତ, କବିତା ମହାନ୍ତ, ବିଦ୍ୟାଧର ସିଂହ, ମହେନ୍ଦ୍ର କୁମାର ମହାନ୍ତ, ଲକ୍ଷ୍ମଣ ମହାପାତ୍ର, ବ୍ରଜକିଶୋର ଜେନା, ରିତାରାଣୀ ପଲେଇ, ବବିତା ମହାନ୍ତ, ମଳୟମଞ୍ଜରୀ ମହାନ୍ତ, ସ୍ୱାଧୀନ ରାଉତ, ପ୍ରଫୁଲ୍ଲ ନାୟକ, ପୁରୁଷୋତ୍ତମ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତିକୁ ସମାଲୋଚନା କରିଥିଲେ। ସଂଘର ମାର୍ଗଦର୍ଶକ ନବକିଶୋର ସିଂ, ଅଶୋକ ଦାସ, ପିଆର୍ ଦାସ, ଶରତ ପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଧର୍ମଘଟରେ ସାମିଲ ହୋଇଥିବା ଗ୍ରାମୀଣ ଡାକସେବକ।

### ଫୁଟବଲ୍ ଟୁର୍ନାମେଣ୍ଟ: ଗୋଡ଼ା ଚାମ୍ପିୟନ

**ତେଲକୋଇ, ୨୬।୯(ଡି.ଏନ.ଏ.)**

ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତ ସିରିଆବାହାଳ ଏମ.କେ କ୍ଲବ ପକ୍ଷରୁ ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀରେ ଫାଇନାଲ ଖେଳ ଗୋଡ଼ା ଓ ଗୁଣ୍ଡୁରୁବାହାଳ କ୍ଲବ ମଧ୍ୟରେ ହୋଇଥିଲା। ଗୋଡ଼ା ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କଳ୍ପତରୁ ନାଏକ, ଅତିଥି ଭାବେ ଶରତ ନାଏକ, କେଶବ ନାଏକ ସାମିଲ ହୋଇଥିଲେ। ଅତିଥିମାନେ ବିଜେତା ଓ ରନର୍ସଅପ ଏବଂ ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୪୦ ଦଳ ଭାଗ ନେଇଥିଲେ। କ୍ଲବର ସଭାପତି ଶ୍ରୀହରି କିଷାନ ସମେତ ନନ୍ଦକିଷୋର ନାଏକ, ସୁଗ୍ରୀବ କିଷାନ ଖେଳରେ ସହାୟତା କରିଥିଲେ। ରେଫରି ଭାବେ ଜଗବନ୍ଧୁ କିଷାନ ଖେଳ ପରିଚାଳନା କରିଥିଲେ।


ଚାମ୍ପିୟନ ହୋଇଥିବା ଗୋଡ଼ା ଦଳ।

### ଜାତୀୟ ସେବା ଯୋଜନା ଦିବସ

**ଆନନ୍ଦପୁର,୨୬।୯(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ କଲେଜ ସଭାଗୃହରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରଘୁଦୀପ୍ତ ନାୟକଙ୍କ ସଂଯୋଜନାରେ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଦାଶ, ଡ. ମୀନାକ୍ଷୀ ମିଶ୍ର, ବୃନ୍ଦାବନ ଗୁଇଁ, ନିମାଇଁ ଚରଣ ରାଉତ, ଶକ୍ତି ପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଡ. ନାରାୟଣ ମିଶ୍ର, ଦିନବନ୍ଧୁ ପତି ପ୍ରମୁଖ ଉପସ୍ଥିତ ରହି ଜାତୀୟ ସେବା ଯୋଜନାର ଲକ୍ଷ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଶେଷରେ ଅଧ୍ୟାପକ ନାରାୟଣ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

### ନବବଧୂଙ୍କ ଆତ୍ମହତ୍ୟା, ଜଣେ ଅଟକ

**ଢେଙ୍କିକୋଟ, ୨୬।୯(ଡି.ଏନ.ଏ.)**

ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ପଇଦା ପାଟଣା ପଞ୍ଚାୟତ ଖୁଣ୍ଟପଡ଼ା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନବବଧୂ ନିଜ ଦେହରେ କିରାସିନ ଢାଳି ଆତ୍ମହତ୍ୟା କରିଥିବା ଆଲୋଚନା ହେଉଥିଲା। ଏହା ଆତ୍ମହତ୍ୟା ନୁହେଁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ନବବଧୂଙ୍କ ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ବଳାରାମ ସେଠୀ ଘଟଣାର ତଦନ୍ତ କରୁଛନ୍ତି। ଖୁଣ୍ଟାପଡ଼ା ଗ୍ରାମର ଅଖିଳ ଚନ୍ଦ୍ର ପଣ୍ଡାଙ୍କ ଦ୍ୱିତୀୟ ପୁତ୍ର ପ୍ରକାଶ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ମୁକୁଳିଆ ପଡ଼ା ଗ୍ରାମର ମନୋରଞ୍ଜନ ମିଶ୍ରଙ୍କ ଝିଅ ରାଜଲକ୍ଷ୍ମୀକୁ ଗତ ୨୦୧୪ରେ ବୈଦିକ ରୀତିମତେ ବିବାହ କରିଥିଲେ। ଘଟଗାଁ ଥାନା ଆଇଆଇସି ସତୀଶ କୁମାର ନାୟକ ତଦନ୍ତ କରିଛନ୍ତି। ଥାନାରେ ଏକ ମାମଲା ହୋଇଛି। ମୃତ ନବବଧୂଙ୍କ ଶ୍ୱଶୁର ଅଖିଳ ଚନ୍ଦ୍ର ପଣ୍ଡାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

### ସହରକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ

**କେନ୍ଦୁଝର, ୨୬।୯(ସ୍ୱ.ପ୍ର.)**

କେନ୍ଦୁଝର ସହରକୁ ସ୍ୱଚ୍ଛ ରଖିବାକୁ ଅଣ୍ଟା ଭିଡ଼ିଛି ଉର୍ବି ଲେଡିଜ କ୍ଲବ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ମିଶନ ନାରା ଦେଇ ସମାଜ ସେବା ଲାଗି ହାତ ବଢାଇଛି କେନ୍ଦୁଝର ସହର ମାଇନଂ ରୋଡର ନିଉ କଲୋନୀସ୍ଥିତ ସର୍ବପୁରାତନ ଉର୍ବି ଲେଡିଜ କ୍ଲବ। କ୍ଲବର ଗୃହିଣୀ ସଦସ୍ୟାମାନେ ସେମାନଙ୍କ ପାରିବାରିକ ଜଞ୍ଜାଳରୁ ସମୟ ବାହାର କରି ସହରକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରିଛନ୍ତି।

ବୁଧବାର ପ୍ରାତଃ ସମୟରେ କ୍ଲବର ସଦସ୍ୟାମାନେ ହାତରେ କୋଡି, କୋଦାଳ, ଦା ଓ ଝାଡୁ ଧରି ସ୍ୱଚ୍ଛ ଅଭିଯାନରେ ବାହାରିଥିଲେ। ଅରବିନ୍ଦ ସ୍କୁଲ ରାସ୍ତା ମରାମତି କରିଥିଲେ। ଅନାବନା ଗଛ, ଲଟା, ସଫା କରି ପରିବେଶକୁ ସ୍ୱଚ୍ଛ ରଖିବାର ବାର୍ତ୍ତା ଦେଇଥିଲେ। ଆଗାମୀ ଦିନରେ ଲେଡିଜ କ୍ଲବ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସଫେଇ ଅଭିଯାନ କରାଯିବ ବୋଲି କୁହାଯାଇଛି। ଏଥିରେ କ୍ଲବର ଶୁଶୀଳା ପାଣିଗ୍ରାହୀ, ସୋନାଲୀ କର, ଲାଳା ପଣ୍ଡା, ଛନ୍ଦା ପଟ୍ଟନାୟକ, ସଂଯୁକ୍ତା ନାଥ, ମଞ୍ଜୁ ମହାନ୍ତି, ପୁପୁନା ମହାନ୍ତି, ସୌମ୍ୟା ଦାସ, ରୋସ୍ନା ପଣ୍ଡା, ଚାରୁଲତା ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିବା ବେଳେ ନଥିନଚନ୍ଦ୍ର କର ସହଯୋଗ କରିଥିଲେ।

### ପଳାଶପଙ୍ଗା ରାସ୍ତା ଶୋଚନୀୟ

**ରାଇସୁଆଁ,୨୬।୯(ଡି.ଏନ.ଏ.)**

ସରକାର ରାସ୍ତା ନିର୍ମାଣ ପାଇଁ ବହୁ ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ରାସ୍ତା ନିର୍ମାଣର ମାସେ ନ ପୁରୁଣୁ ଖାଲଖମାରେ ପରିଣତ ହେଉଛି। ଏପରି ଅବସ୍ଥା କେନ୍ଦୁଝର ଜିଲା ସଦର ଅଞ୍ଚଳର ପଳାଶପଙ୍ଗା ସ୍ୱଞ୍ଚ ଛକଠାରୁ ବାମେବାରୀ ପର୍ଯ୍ୟନ୍ତ ଯାଇଥିବା କିଡକୋ ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣରେ ନିମ୍ନମାନ ହୋଇଛି। ନାମକୁ ମାତ୍ର ପିଚୁ ବ୍ୟବହାର କରାଯାଇଛି। ନିର୍ମାଣର ଖୁବ କମ ଦିନରେ ରାସ୍ତା ନଷ୍ଟ ହୋଇ ହୋଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

ସେହି ରାସ୍ତାରେ ଖାଲି ପାଦରେ ଚଳପ୍ରଚଳ କରିବା ସମ୍ଭବ ହେଉନାହିଁ। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାରେ ଚଳାଚଳ କରୁଥିବା ଯାନବାହାନରୁ ବହୁ ଟଙ୍କା ଟୋଲ ଆଦାୟ ହେଉଛି। ରାସ୍ତା ନିର୍ମାଣ କରାଯାଉନି। ଫଳରେ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

